୬ ସ୍ପିନରଙ୍କ ଜାଲରେ ଫସିଲା ନ୍ୟୁଜିଲାଣ୍ଡ : ବିଜୟ ସହ ଗ୍ରୁପ୍-ଏ ଶୀର୍ଷରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୩୬ ● ୩ ମାର୍ଚ୍ଚ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-36 ● 3rd March 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# କୃଷକ ଉନ୍ନତିରେ ରାଜ୍ୟର ବିକାଶ ସମ୍ଭବ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝରଗଡ, ୨।୩**
**ନ୍ୟୁଜ୍ ବ୍ୟୁରୋ**



ସମାଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି ଆମର କୃଷକ ସମାଜ। ଯେଉଁମାନେ ଖରା, ବର୍ଷା, ଶୀତକୁ ଭ୍ରୂକ୍ଷେପ ନକରି ହାଡଭଙ୍ଗା ପରିଶ୍ରମ କରି ଆମ ସମସ୍ତଙ୍କୁ ଆହାର ଦେଇଥାନ୍ତି । ସେମାନଙ୍କ ବିନା ସମାଜର ପରିକଳ୍ପନା କରିବା ଅସମ୍ଭବ। ତେଣୁ ଅନ୍ନଦାତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ ତାହା ସବୁବେଳେ କମ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ୫ଦିନବ୍ୟାପୀ ଆୟୋଜିତ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ଭାବେ ୬୦ ପ୍ରତିଶତରୁ ଅଧିକ ଲୋକେ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ। ଆମ ସରକାର ଆସିବାର ମାତ୍ର ୨୪ମିନିଟ ମଧ୍ୟରେ ରାଜ୍ୟର ଚାଷୀ ଭାଇ ଓ ଭଉଣୀଙ୍କ ଆୟରେ ବୃଦ୍ଧିକରିବା ପାଇଁ କୃଷକ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନେଇଥିଲା। ଯାହା ଆମ ସରକାରଙ୍କ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ଥିବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ।

ଜଳବାୟୁ ପରିବର୍ତ୍ତନ, ଅସ୍ଥିର ବଜାର ମୂଲ୍ୟ ଏବଂ ଶ୍ରମିକ ଅଭାବ କୃଷି ଉତ୍ପାଦନକୁ ବାଧା ଦେଇଥାଏ। ସେଥିପାଇଁ ଏହି ମେଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କିପରି ଚ୍ୟାଲେଞ୍ଜ ଗୁଡ଼ିକ ମଧ୍ୟରୁ କିଛି ହ୍ରାସ କରାଯାଇପାରିବ ଓ ଦକ୍ଷତା, ଉତ୍ପାଦକତା ଏବଂ ଶେଷରେ ଲାଭଦାୟକତା ବୃଦ୍ଧି କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହି ମେଳା ଆୟୋଜନ କରାଯାଇଛି। ଏହା ଆମର କୃଷି ପଦ୍ଧତିକୁ *(ପୃଷ୍ଠା ୭ରେ)*

# ଗଙ୍ଗା ଜଳ ଗାଧୋଇବା ପାଇଁ ଅନୁପଯୁକ୍ତ ବିହାର ଅର୍ଥନୈତିକ ସର୍ଭେ ରିପୋର୍ଟ

**ପାଟନା, ୨।୩**



ସବୁଠୁ ପବିତ୍ର କୁହାଯାଉଥିବା ଗଙ୍ଗା ନଦୀର ଜଳ ଏବେ ପ୍ରଦୂଷିତ। ବିହାର ଦେଇ ଯାଇଥିବା ଗଙ୍ଗା ନଦୀର ଏହି ଜଳ ଏବେ ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ। ଜଳରେ ବ୍ୟାକ୍ଟେରିଆ ବା ଜୀବାଣୁ ସଂଖ୍ୟା ବହୁ ଅଧିକ ରହୁଥିବାରୁ ତାହା ପ୍ରଦୂଷିତ ହୋଇପଡ଼ିଥିବା ବିହାର ଅର୍ଥନୈତିକ ସର୍ଭେ ୨୦୨୪-୨୫ରେ ଦର୍ଶାଯାଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ମଧ୍ୟ ଗଙ୍ଗା ଜଳ ପ୍ରଦୂଷିତ ହୋଇପଡ଼ିଥିବା ନେଇ ରିପୋର୍ଟ ଜାରି କରିଥିଲା। ମହାକୁମ୍ଭ ସମୟରେ ଗଙ୍ଗା ଜଳ ଏତେ ପ୍ରଦୂଷିତ ହୋଇଥିଲା ଯେ ସେଥିରେ ଗାଧୋଇବା ଲାଗି ଦରକାର ପଡ଼ୁଥିବା ସର୍ବନିମ୍ନ ଗୁଣବତ୍ତା ବି ନ ଥିଲା। ଅତ୍ୟଧିକ ମଳ ନଦୀରେ ମିଶିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ସିପିସିବି କହିଥିଲା।

ବିହାର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଗଙ୍ଗା ଏବଂ ଏହାର ଉପନଦୀଗୁଡ଼ିକରେ ବିଭିନ୍ନ ସହରର ସିୱେଜ ଏବଂ ଘରୋଇ ଆବର୍ଜନା ଛଡ଼ାଯାଉଛି । ଏହା ଯୋଗୁ ଜଳରେ ବହୁ ପରିମାଣରେ ବ୍ୟାକ୍ଟେରିଆ ବା ଜୀବାଣୁ ବଂଶ ବୃଦ୍ଧି ପାଇଛି। ସେଥିଲାଗି କେତେକ ସ୍ଥାନରେ ଏହି ଜଳ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। କିନ୍ତୁ ଅନ୍ୟ ସ୍ଥାନଗୁଡ଼ିକରେ ଜଳର ଗୁଣବତ୍ତା ଠିକ ରହିଛି ବୋଲି କୁହାଯାଇଛି।

# ୮ ମାସ ଭିତରେ ଗୋଟିଏ ଯୋଜନାରେ ଏକ କୋଟି ମହିଳାଙ୍କୁ ଅର୍ଥ ମିଳିବା ଇତିହାସ: ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୩**
**ନ୍ୟୁଜ୍ ବ୍ୟୁରୋ**




ମାର୍ଚ୍ଚ ୩୧ ତାରିଖ ହେଉଛି ସୁଭଦ୍ରା ଆବେଦନର ଶେଷ ତାରିଖ। ୮ ମାସ ଭିତରେ ଗୋଟିଏ ଯୋଜନାରେ ଏକ କୋଟି ମହିଳାଙ୍କୁ ଅର୍ଥ ମିଳିବା ଏକ ଇତିହାସ। ଏଭଳି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଚଳିତ ମାସ ୬ ତାରିଖରେ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା। ଏହି ପର୍ଯ୍ୟାୟରେ ଲକ୍ଷେ ୭୦ ହଜାର ମହିଳା ସୁଭଦ୍ରା ଟଙ୍କା ପାଇବେ। ସେହିଭଳି ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳି ସାରିଛି । ଏବେ ୬ ତାରିଖରେ ୫ମ ପର୍ଯ୍ୟାୟ ଟଙ୍କା ମିଳିବ। ଚଳିତ ବର୍ଷ ମହିଳା ହିତାଧିକାରୀମାନେ ୩ ଥର ପାଇବେ। ସୁଭଦ୍ରା ଟଙ୍କା ମାର୍ଚ୍ଚ ୮ ତାରିଖ ଓ ରକ୍ଷା ବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ । ୨୦୨୪-୨୦୨୫ ପାଇଁ ଆବେଦନର ଶେଷ ତାରିଖ ରହିଛି । ଆସନ୍ତା ମାର୍ଚ୍ଚ ୩୧ *(ପୃଷ୍ଠା ୭ରେ)*

## ନିଜ ଆଡୁ ଫେରାନ୍ତୁ ରାସନ କାର୍ଡ

**ଭୁବନେଶ୍ୱର, ୨।୩**
**ନ୍ୟୁଜ୍ ବ୍ୟୁରୋ**

ନିଜ ଆଡୁ ରାସନ କାର୍ଡ ଫେରାଇବା ପାଇଁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିବେଦନ କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କା ସେମାନେ ତୁରନ୍ତ *(ପୃଷ୍ଠା ୭ରେ)*

# ରାଜ୍ୟରେ ପାରଦ ଉପର ମୁହାଁ: ୩୫ ଟପିଲା ଭୁବନେଶ୍ୱର

**ଭୁବନେଶ୍ୱର, ୨।୩ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ପାରଦ ଉପର ମୁହାଁ ହେବାରେ ଲାଗିଛି । ରବିବାର ଅପରାହ୍ନ ସାଢେ ୨ଟା ସୁଦ୍ଧା ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୫.୬ ଡିଗ୍ରୀରେ ପହଞ୍ଚିଛି । ମାର୍ଚ୍ଚ ଆରମ୍ଭରୁ ତାତି ବଢିବା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । *(ପୃଷ୍ଠା ୭ରେ)*



TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଏନକାଉଣ୍ଟର ଘଟଣା: ଚିହ୍ନଟ ହେଲେ ୨ ମୃତ ନକ୍ସଲ



**ମାଲକାନଗିରି, ୨।୩ : ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଗୁଣ୍ଡରାଜଗୁଡେମ ଜଙ୍ଗଲରେ ହୋଇଥିବା ପୁଲିସ-ନକ୍ସଲ ଗୁଳିବିନିମୟରେ ୨ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ବେଳେ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଥିଲା।

ତେବେ ମୃତ୍ୟୁବରଣ କରିଥିବା ଦୁଇ ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି । ଏମାନଙ୍କ ନାମରେ ସରକାର ୫ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ମୃତ ମାଓବାଦୀମାନେ ହେଲେ ପାମେଡ ଏରିଆ କମିଟିର ମହିଳା ଏସିଏମ ସୋଡି ଲିଙ୍ଗେ ଏବଂ ଏସିଏମ ପଡିଆମ ହଡମା। ମୃତ ନକ୍ସଲମାନଙ୍କ ଠାରୁ ବନ୍ଧୁକ, ବିଜିଏଏଲ ଲଞ୍ଚର,ଜୀବନ୍ତ ଗୁଳି,ନକ୍ସଲ ପୁସ୍ତକ ଇତ୍ୟାଦି ଜବତ କରାଯାଇଛି।

ଅନ୍ୟ ଏକ ଘଟଣାରେ ସୁକମା ଜିଲ୍ଲାର କିଷ୍ଟରାମ ଥାନା ଅନ୍ତର୍ଗତ ନକ୍ସଲ ପ୍ରବଣ ଅଞ୍ଚଳରେ ସିଆରପିଏଫ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରୁ ୫ କିଲୋ ଓଜନର ଏକ ଲ୍ୟାଣ୍ଡମାଇନ ଉଦ୍ଧାର କରିଥିଲେ । ତୁରନ୍ତ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରାଜଧାନୀରେ ରହନ୍ତି ରହିବେ
ସବୁ ବଡ ବଡ ଲୋକ
ହେଲେ ମାରିପାରନ୍ତିନି କେହି
ଅପରାଧ କଣା ଫାଙ୍କ
ରକ୍ତ ପିଉଛି ଆତଙ୍କ ଜୋକ
ରାତିହୋଇଗଲେ ଛାତି ଥରିଉଠେ
ଭାବି ଚଢି ଉଠେ ପିତ୍ତ।

# ରାଜ୍ୟ ସରକାରଙ୍କ ବଡ଼ ଘୋଷଣା : ଏକକାଳୀନ ମିଳିବ ୩ଟି କିସ୍ତି ଟଙ୍କା !




**ଭୁବନେଶ୍ୱର, ୨।୩ : ନ୍ୟୁଜ୍ ବ୍ୟୁରୋ**

ସୁଭଦ୍ରାକୁ ନେଇ ଆସିଲା ବଡ଼ ଅପଡେଟ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି ଯେ, ଚଳିତ ବର୍ଷ ଏକା ସାଥିରେ ମିଳିବ ସୁଭଦ୍ରା ଟଙ୍କା।

ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ମାର୍ଚ୍ଚ ୬ରେ ମିଳିବ। ଏହି ପର୍ଯ୍ୟାୟରେ ରାଜ୍ୟର ପ୍ରାୟ ୧.୭ଲକ୍ଷ ମହିଳା ପ୍ରଥମ କିସ୍ତି ପାଇବେ। ସେହିପରି ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରାୟ ୧ କୋଟି ମହିଳାଙ୍କୁ ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ *(ପୃଷ୍ଠା ୭ରେ)*




# ଦୋଳ ପୂର୍ଣ୍ଣିମାରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ



**ନୂଆଦିଲ୍ଲୀ, ୨।୩**

ପ୍ରତିବର୍ଷ ସୂର୍ଯ୍ୟ ପରାଗ ଏବଂ ଚନ୍ଦ୍ରଗ୍ରହଣ ହୁଏ। ଧାର୍ମିକ ଦୃଷ୍ଟିକୋଣରୁ, ଗ୍ରହଣକୁ ଶୁଭ ବୋଲି ବିବେଚନା କରାଯାଏ ନାହିଁ । ଏହି କାରଣରୁ ହିନ୍ଦୁ ଧର୍ମରେ ଗ୍ରହଣ ସମୟରେ ସୂତକର ନିୟମ ପାଳନ କରାଯାଏ ଏବଂ ଅନେକ ପ୍ରକାରର କାର୍ଯ୍ୟକଳାପ ନିଷେଧ କରାଯାଏ।

ଚଳିତବର୍ଷ ଗୋଟିଏ ମାସରେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗହଣ ଲାଗୁଛି । ବର୍ଷର ପ୍ରଥମ ଗ୍ରହଣ ବିଷୟରେ କହିବାକୁ ଗଲେ, ବର୍ଷର ପ୍ରଥମ ଗ୍ରହଣ ୨୦୨୫ ମାର୍ଚ୍ଚରେ ହେବାକୁ ଯାଉଛି, ଯାହା ଏକ ଚନ୍ଦ୍ରଗ୍ରହଣ ହେବ। ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ୧୪ ମାର୍ଚ୍ଚ, ଫାଲଗୁନ ପୂର୍ଣ୍ଣିମା ଦିନ ହେବାକୁ ଯାଉଛି।

ଏହି ଗ୍ରହଣ ମାର୍ଚ୍ଚ ୧୪ ତାରିଖ ସକାଳ ୯:୨୯ରେ ଆରମ୍ଭ ହେବ ଏବଂ ଅପରାହ୍ନ ୩:୨୯ରେ ଶେଷ ହେବ। ଭାରତୀୟ ସମୟ ଅନୁସାରେ, ଚନ୍ଦ୍ରଗ୍ରହଣ ଦିନବେଳେ ହେଉଛି, ତେଣୁ ଏହା ଭାରତରେ ଦୃଶ୍ୟମାନ ହେବ ନାହିଁ ଏବଂ କୌଣସି ସୂତକ ମଧ୍ୟ ହେବ ନାହିଁ। ଯେଉଁ ସ୍ଥାନରେ ଗ୍ରହଣ ଦୃଶ୍ୟମାନ ହୁଏ, ସେଠାରେ ସୂତକ ବୈଧ ଅଟେ। ଯେହେତୁ ଚନ୍ଦ୍ରଗ୍ରହଣ ଭାରତରେ ଦୃଶ୍ୟମାନ ହେବ ନାହିଁ, ତେଣୁ ଏଠାରେ ଚନ୍ଦ୍ରଗ୍ରହଣ ଦେଖାଯିବ ନାହିଁ। ସୂତକ ବୈଧ ନୁହେଁ, ତେଣୁ ଚନ୍ଦ୍ରଗ୍ରହଣ ହୋଲି ଉପରେ ପ୍ରଭାବ ପକାଇବ ନାହିଁ । *(ପୃଷ୍ଠା ୭ରେ)*





## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

# କେନ୍ଦ୍ରୀୟ ଉନ୍ନୟନ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ସହ ସଫଳ ବିନିଯୋଗ ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କମିଟି ଅଧ୍ୟକ୍ଷ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ କେନ୍ଦ୍ରୀୟ ଉନ୍ନୟନମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବାକୁ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ । ତତ୍‌ସହ ସାଂସଦ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତାର ସମୀକ୍ଷା କରି ଧାର୍ଯ୍ୟ ସମୟରେ ସଂପୂର୍ଣ୍ଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଶେଷଭାବେ ପ୍ରଧାନମନ୍ତ୍ରୀ ସଡ଼କ



ଯୋଜନାର ଗୁଣାତ୍ମକ ମାନ, ମନରେଗା ଯୋଜନାର ସଫଳ ରୂପାୟନ, ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟନ୍ୱୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ, ମେଘା ଲିଫ୍ଟ ପ୍ରକଳ୍ପ, ଜାତୀୟ ମଙ୍ଗଳ ଯୋଜନାର ଏମ୍‌ପି ଆଦର୍ଶ ଗ୍ରାମ ଓ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ । ଜିଲ୍ଲାରେ ସ୍ଥିତ ସମସ୍ତ ବର୍ଗ ସ୍କୁଲର ସମ୍ପୂର୍ଣ୍ଣ ତଥ୍ୟ ସାତଦିନ ମଧ୍ୟରେ ଦାଖଲ କରିବାକୁ କହିବା ସହ ସମସ୍ତ ସ୍କୁଲଗୁଡ଼ିକରେ ଆବଶ୍ୟକ ସୁବନ୍ଦୋବସ୍ତ ପୂର୍ବକ ଉଭୟ ବାଳକ ଓ ବାଳିକାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟକୁ ସୁନିଶ୍ଚିତ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା କରି ସମସ୍ତ ଚିକିତ୍ସାଳୟ ଗୁଡିକରେ ସମସ୍ତ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଉପରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି କମିଟି ଅଧ୍ୟକ୍ଷା ସାଂସଦ ଶ୍ରୀମତୀ ସିଂଦେଓ । ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର ସଫଳ ବିନିଯୋଗର ସମୀକ୍ଷା ସହ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ ପୋଷଣ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରି ଯୋଜନାର ସୁପରିଚାଳନା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ ଜିଲ୍ଲାର ଜଳସେଚନ ବିଭାଗ, ଜାତୀୟ ଉଦ୍ୟାନ ମିଶନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ତଥା ଅନ୍ୟାନ୍ୟ ଯୋଜନା ଉପରେ ସାଂସଦ ସମୀକ୍ଷା କରିଥିଲେ । ବୈଠକରେ ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲା ସମେତ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଦିଶା କମିଟି ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବେଟି ବଚାଓ ଓ ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାସ୍ତରୀୟ ଏଲସିସି ଓ ଆଇସିସି ପ୍ରଶିକ୍ଷଣ ଓ ଜିଲ୍ଲା ସ୍ତରୀୟ ବେଟି ବଚାଅ ଓ ବେଟି ପଢାଅ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡେପୁଟି ଡାଇରେକ୍ଟର ପ୍ଲାନିଂ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଲଏମଭି, ସହାୟକ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖ ମଞ୍ଚାସୀନ ଥିଲେ । ନାରୀମାନେ କର୍ମ କ୍ଷେତ୍ରରେ ଯୌନ ନିର୍ଯାତନାରୁ କିପରି ନିଜକୁ ସୁରକ୍ଷା ଦେବେ ବା ପୋକ୍ସୋ ଆକ୍ଟ ବିଷୟରେ ଅତି ସରଳ ଭାବରେ ସହାୟକ ଜିଲ୍ଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା ବୁଝାଇଥିଲେ । ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା ପ୍ରମୋଦ କୁମାର



ବାରିକ ପିସିପିଏନଡ଼ିଟି ଆଇନକୁ ନେଇ ନିଜର ଅଭିଭାଷଣ ରଖିଥିଲେ ଏବଂ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଅଫିସ କର୍ମଚାରୀଙ୍କୁ ବୁଝେଇବା ସହ ଉପଦେଶ ଦେଇଥିଲେ । ପୌର ନିର୍ବାହୀ ଅଧିକାରୀ ସୀମା ଜେନା ମହିଳାମାନେ ସାହସ ରଖିଲେ, ସଚେତନ ହେଲେ ଯେ କୌଣସି ଅଭିଯୋଗକୁ ସାହସର ସହ ମୁକାବିଲା କରିପାରିବେ ଏବଂ ନିଜ ନିଜ ଅଫିସରେ କିଭଳି ଆଇସିସି ଓ ଏଲସିସି ଗଠନ କରିବେ ତାହା ବୁଝାଇ ଥିଲେ । ରାଧା କୃଷ୍ଣ କ୍ଲବର ନିର୍ଦ୍ଦେଶକ କିପରି ଜଣେ ଅସହାୟ ନାରୀକୁ ସବୁ ପ୍ରକାର ସହାୟତା ଓ ଆଇନ ଯୋଗାଇ ଦିଆଯାଇ ପାରିବ । ସେ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁ ପ୍ରିୟା ସେଠୀ ସ୍ୱାଗତ ଭାଷଣ ଏବଂ ପ୍ରୋଟେକ୍ସନ ଅଫିସର ଆରତୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିମା ନର୍ସିଂ ଛାତ୍ରଛାତ୍ରୀ, ସମସ୍ତ କାର୍ଯ୍ୟାଳୟର କର୍ମକର୍ତ୍ତା, ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ ଆନ୍ତଃଜିଲ୍ଲା ଶିକାରୀ ଗିରଫ

## ବ୍ୟାପକ ଅସ୍ତ୍ରଶସ୍ତ୍ର ସହ ଚମଡ଼ା ଜବତ

**ବଣାଇଁ, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘଦିନ ଧରି ବଣାଇଁ ବନଖଣ୍ଡ ଅଞ୍ଚଳରେ ସକ୍ରୀୟ ଥିବା ଶିକାରୀଙ୍କ ଉପରେ ଟ୍ରାକିଂ ଜାରି ରଖି ପରିଶେଷରେ ବିଭାଗକୁ ମିଳିଛି ଉଲ୍ଲେଖନୀୟ ସଫଳତା । ପ୍ରାୟ ଦେଢମାସ ହେବ ବଣାଇଁ ବନଖଣ୍ଡ ଅଞ୍ଚଳରେ ବନ୍ୟ ପ୍ରାଣୀ ଶିକାରୀଙ୍କ ଗତିବିଧି ବୃଦ୍ଧି ପାଇବା କାରଣରୁ ବିଭାଗ ପ୍ରାୟ ଏକ ମାସ ଧରି ଟ୍ରାକିଂ ଚଳାଇଥିଲା । ସୁ-ସମନ୍ୱିତ ସନ୍ଧାନକ୍ରମେ ସକାଳ ସମୟରେ ବନଖଣ୍ଡର ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ, ଜର୍ଡା ବନାଞ୍ଚଳ ଅଧିକାରୀ କୈଳାସ କିଷାନଙ୍କ ନେତୃତ୍ୱରେ ଏକ ୩୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଭିନ୍ନ ଭିନ୍ନ ସ୍ଥାନରୁ ପାଞ୍ଚଟି ଦେଶୀ ବନ୍ଧୁକ, ଦୁଇଟି ମାଙ୍କଡ଼ ଚମଡା, ଦୁଇଟି କୁଟୁରା ଶିଙ୍ଘ, ଶିକାର ଫାଶ, ଆଠ'ଟି ଧନୁ ତୀର, ବ୍ୟାପକ ବାରୁଦ, ଅଫୁଟା ଗୁଳି, ମୟୂର ପୁଚ୍ଛ, ଝିଙ୍କ କାଠି, ଦୁଇଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରାଯାଇଛି ।



ଏହି ଶିକାରରେ ସମ୍ପୃକ୍ତ ତଥା ପୁଣି ଶିକାର ପାଇଁ ଯୋଜନା ଚଳାଇଥିବା ଥିବା ୬ ଜଣଙ୍କୁ ବନବିଭାଗର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗିରଫ କରିଛି । ଗିରଫ ଶିକାରୀମାନେ ହେଲେ ରାଜକୁମାର ପ୍ରଧାନ, ରମଣୀ ରଞ୍ଜନ ପାତ୍ର, ଶରତ ନାଏକ, ଭୀମ କିଷାନ, ନାରାୟଣ ହସ୍ତୀ ଓ ବିଶ୍ୱନାଥ ହସ୍ତୀ । ଏମାନଙ୍କ ଘର ସୁନ୍ଦରଗଡ଼ ଜିଲାର ଜର୍ଡା, ସୋଲ ସମେତ ସମ୍ବଲପୁର ଜିଲ୍ଲା ର କିଛି ଅଞ୍ଚଳର ବୋଲି ସୂଚନା ମିଳିଛି । ଖବରଦାତା ସମ୍ମିଳନୀରେ ବଣାଇଁ ଡିଏଫଓ ଲଳିତ କୁମାର ପାତ୍ର ସମ୍ପୃକ୍ତ ଶିକାରୀମାନେ ଆନ୍ତଃ ଜିଲ୍ଲା ଅପରାଧୀ ଓ ଆଗକୁ ଆହୁରି ଅନେକ ଘଟଣାରେ ବନବିଭାଗକୁ ସଫଳତା ମିଳିବାକୁ ଯାଉଥିବା ନେଇ ପ୍ରାକ୍ ସୂଚନା ଦେଇଛନ୍ତି । ଗିରଫ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିଏଫ୍ ଲଳିତ କୁମାର ପାତ୍ର ସ୍ପଷ୍ଟ କରିଛନ୍ତି ।

# ଦେଶୀ ମଦ ଚାଲାଣ ବେଳେ ଚଢ଼ଉ : ୨ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ନିରିକ୍ଷକ ଓ ଅବକାରୀ ଥାନା ତରଫରୁ ଚଢଉ କରାଯାଇଛି । ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ପଟ୍ଟନାୟକଗୁଡ଼ା ସାହି ରାସ୍ତାରେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରିଥିବା ବେଳେ ତା' ଠାରୁ ୮ ଲିଟର ଦେଶୀ ମଦ ଜବତ କରି ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ନିରୀକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି । ସେହିପରି ପୁରୁଣାଗଡ଼ ସାହି ରାସ୍ତା ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇଛି । ଜଣେ ମହିଳାକୁ ଗିରଫ କରି ତା'ଠାରୁ ୮ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରିଥିବା ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ତିର୍ତ୍ତୋଲ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ଥାନାର ନୂତନ ଥାନା ଅଧିକାରୀ ଭାବେ ସୁବ୍ରତ କୁମାର ଦାସ ନିଯୁକ୍ତି ପାଇଛନ୍ତି । ଦୀର୍ଘ ଦିନ ଥାନାରେ ଥାନା ଅଧିକାରୀ ପଦ ଖାଲି ପଡ଼ିଥିବା ବେଳେ କମିଶନରେଟ ପୋଲିସରେ କାର୍ଯ୍ୟରତ ସୁବ୍ରତ କୁମାର ଦାସଙ୍କୁ ତିର୍ତ୍ତୋଲ ଥାନାରେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ଖାଉଟି କଲ୍ୟାଣ ପରିଷଦ କନଭେନର ତଥା ମାନବାଧିକାର କର୍ମୀ, ବିଜେପି ସକ୍ରିୟ ସଦସ୍ୟ, ବ୍ୟାସ ଫାଉଣ୍ଡେସନ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ହୋତା ତିର୍ତ୍ତୋଲ ଥାନାରେ ନୂତନ ଥାନା ଅଧିକାରୀ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହା ସହିତ ତିର୍ତ୍ତୋଲ ଅଞ୍ଚଳରେ ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବା ସହିତ ଆମ ପୋଲିସ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ । ଘରେ କେହି ନଥିବାର ସୁଯୋଗ ନେଇ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସମତ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଲୁଟେରା । କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ବେରଗାଁ ମାଝୀଗୁଡା ଠାରେ ଘଟିଛି ଏଭଳି ଘଟଣା । ବେରଗାଁର ବ୍ୟବସାୟୀ ଧିରେନ ସାହୁଙ୍କ ପରିବାର ଲୋକେ ଜାଗର ପାଇଁ ମନ୍ଦିର ଯାଇଥିଲେ, ଘରେ କେହି ନଥିଲେ । ଏହାର ସୁଯୋଗ ନେଇ ଧିରେନଙ୍କ ଘରେ ପଛପଟ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ ଦୁର୍ବୃତ୍ତ । ଆଲମାରୀ ତାଡ଼ି ୩ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ୬ ତୁଳା ସୁନା ଲୁଟିନେଇଛନ୍ତି ଲୁଟେରା । ଏନେଇ ବୈପାରୀଗୁଡ଼ା ଥାନାରେ ଏତଲା ଦିଆଯାଇଛି ।

# ସମ୍ ହସ୍ପିଟାଲକୁ ଅଚାନକ ପରିଦର୍ଶନ କଲେ ଛତ୍ରପୁର ବିଧାୟକ



**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଛତ୍ରପୁର ଉପକଣ୍ଠ ଶୀତାଳପଲ୍ଲୀ ଠାରେ ଥିବା ସମ ହସ୍ପିଟାଲର କ୍ୟାମ୍ପସ୍ -୩ କୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଅଚାନକ ପରିଦର୍ଶନ କରିଛନ୍ତି । ବିଧାୟକ ସେଠାକୁ ଯାଇ ସେଠାକାର ଆନୁଷଙ୍ଗିକ ବ୍ୟବସ୍ଥା ଯଥା; ନୂତନ ଭାବେ ଅନକୋଲୋଜି, ଅନକୋସର୍ଜରୀ, ନୂତନ ବିଭାଗ ସ୍ଥାପନ କରିବା, ମେଡିକାଲ ବର୍ଜ୍ୟବସ୍ତୁକୁ ସୁପରିଚାଳନା କାର୍ଯ୍ୟ ପଦ୍ଧତି ଅବଲମ୍ବନ କରି ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉପରେ ବିଧାୟକ ଗୁରୁତ୍ୱ ଦେଇଛନ୍ତି । ଏଥିସହ ସ୍ଥାନୀୟ ଅଞ୍ଚଳର କିଡ଼ନୀ, ଡାଇବେଟିସ୍ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ସହ ଏହା ପାଇଁ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରିବା, ନୂତନ ଭାବେ କ୍ୟାଥୋଲ୍ୟାବ ଖୋଲିବା ଏବଂ ସ୍ଥାନୀୟ ମେଧାବୀ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା ନିମନ୍ତେ ନୂତନ ମେଡିକାଲ କଲେଜର ପ୍ରତିଷ୍ଠା ଲାଗି ବିଧାୟକ ପରାମର୍ଶ ଦେଇଛନ୍ତି । ଏହାସହ ସେଠାକାର ସମସ୍ତ ବିଭାଗକୁ ବୁଲି ଦେଖିବା, ୱାର୍ଡ ପରିଦର୍ଶନ, ରୋଗୀ ଏବଂ ସ୍ଥାନୀୟ ଲୋକଙ୍କ ଗମନାଗମନ ପାଇଁ ସୁରକ୍ଷିତ ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଏକ ସେହି ରୁଟ୍ ଦେଇ ସ୍ୱତନ୍ତ୍ର ବସର ବ୍ୟବସ୍ଥା କରିବା ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥା କରିବା ପାଇଁ ବିଧାୟକଙ୍କ ତରଫରୁ ପ୍ରତିଶ୍ରୁତି ଦେବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି ।

# ବାଣ ବିସ୍ଫୋରଣରେ ୨ ଶିଶୁ ଗୁରୁତର, ଜଣେ ଆହତ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ଅପରାହ୍ଣରେ ଭୟଙ୍କର ବିସ୍ଫୋରଣ ଘଟିଛି । ତେବେ ଜାଗର ପାଇଁ ଠାକୁର ଘରେ ଥିବା ବାଣ ବିସ୍ଫୋରଣରେ ୨ ଶିଶୁ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ବିସ୍ଫୋରଣରେ ୧୦ ବର୍ଷ ଓ ୧୨ବର୍ଷର ନାବାଳକ ଓ ନାବାଳିକା ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ତେବେ ବାଣ କି ବୋମା ବିସ୍ଫୋରଣ ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ଗାୟତ୍ରୀ ମିଶ୍ର ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି । ସୂଚନା ମୁତାବକ, ତାପସ ମଙ୍ଗରାଜଙ୍କ ଭଣଜା ଭାଣେଜି ମାମୁ ଘରକୁ ବୁଲି ଆସିଥିଲେ । ଜାଗରରେ ଫୁଟାଇବା ପାଇଁ ବାଣ ଠାକୁର ଘରେ ରଖିଥିଲେ । ପିଲାମାନେ ଠାକୁର ଘର ବାରଣ୍ଡାରେ ଖେଳୁଥିବା ବେଳେ ହଠାତ ବାଣ ବିସ୍ଫୋରଣ ହୋଇ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏଥିରେ ୩ ଜଣ ଆହତ ହୋଇଥିବା ବେଳେ, ୨ ଜଣ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ । ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛି ।

## ୨ ଯୁବକ ଜିଅନ୍ତା ଜଳିଯିବା ମାମଲା

# ଅଭିଯୁକ୍ତକୁ କୋର୍ଟ ଚାଲାଣ



**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତା ଜକର ଗ୍ରାମ ନିକଟ ମା' ରତ୍ନେଇ ଠାକୁରାଣୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଧାନ ବୋଝେଇ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ସମେତ ବାଇକ୍‌ରେ ବସିଥିବା ଅନ୍ୟ ୨ ଜଣ ଜଳି ଯାଇଥିଲେ । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା କାବିଟି ଥାନା ଚିତ୍ରିପୁଟୁ ଗ୍ରାମର ପି.ଲକ୍ଷ୍ମଣ ଏବଂ ଭେଜିପୁଟ ଗ୍ରାମର ଟି.ରାଜୁ ଜିଅନ୍ତା ଜଳି ଯାଇଥିଲେ । ଅନ୍ୟଜଣେ ଚିତ୍ରିପୁଟ ଗ୍ରାମର ସି.ଏଚ୍ ଲୋକନାଥ ଗୁରୁତର ଆହତ ହୋଇଥିଲେ ।

ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ଏସ୍‌ଆଇ ଜୟନାଥ ପ୍ରଧାନ ଆନ୍ଧ୍ର ପ୍ରଦେଶ ଆମ୍ବେଦକର ଜିଲ୍ଲା ମାଣ୍ଡାପାଟା ଗ୍ରାମାଞ୍ଚଳ ଥାନା ମାଣ୍ଡାପାଟା ରୋଡ଼ ନିବାସୀ ଟ୍ରକ୍ ଚାଳକ ଶେଖ୍ ଇସ୍‌ମାଇଲଙ୍କୁ ଗିରଫ କରି ମାମଲା ନଂ.୭୪/୨୫ ଅନୁଯାୟୀ ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି ।

# ଅଲଣା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ଗ୍ରାମ ପଞ୍ଚାୟତ ଅଲଣା ରାଜସ୍ୱ ଗ୍ରାମରେ ତିନିଦିନ ବ୍ୟାପୀ ୭୫ତମ ଶ୍ରୀ ଶ୍ରୀ ବାସନ୍ତୀଦେବୀ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ସହଯୋଗରେ ସପ୍ତାହ ବ୍ୟାପୀ ପ୍ରସ୍ତୁତି କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମସଫେଇ, ଇନ୍ଧନ ଜାଳସଂଗ୍ରହ ଓ ଭଣ୍ଡାରଘର ମରାମତି ଇତ୍ୟାଦି କାର୍ଯ୍ୟ ନିର୍ବାହ କରାଯାଇଥିଲା । ଗ୍ରାମର ଏକତା ବଳବତ୍ତର ଥିବାରୁ ଧାନ କୋଠଋଷ ଓ ମାଛଋଷ କରାଯାଇ ତା'ର ଆର୍ଥିକ ଆୟରେ ବର୍ଷ ତମାମ ଯାନିଯାତ୍ରା ତଥା ବାର୍ଷିକ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ଶ୍ରୀଶ୍ରୀ ବାସନ୍ତୀଦେବୀ ପୂଜାର୍ଚ୍ଚନା ପଣ୍ଡିତ ନାରାୟଣ ଆଚାର୍ଯ୍ୟ ଓ ପୂଜକ ଚତୁର୍ଭୁଜ ଆଚାର୍ଯ୍ୟଙ୍କ ଦ୍ୱାରା ସଂପାଦିତ ହୋଇଥିବା ବେଳେ ବରିଷ୍ଠ ପୂଜକ



ଗାୟକ ବିଜୟ କୁମାର ଦାଶଙ୍କ ଦ୍ୱାରା ନାମଯଜ୍ଞ ସମ୍ପନ୍ନ ହୋଇଥିଲା । କବି ନିରଂଜନ କୁଅଁର ନାମଯଜ୍ଞର କର୍ତ୍ତା ହୋଇଥିବା ବେଳେ ଦୁଇଦିନ ବ୍ୟାପୀ ସଂକୀର୍ତ୍ତନ ଦାୟିତ୍ୱରେ ନକୁଳ ଚରଣ କୁଅଁର, ବାୟକ ବଟକୃଷ୍ଣ ସ୍ୱାଇଁ ଓ ନିରଂଜନ ବିଶ୍ୱାଳ ରହିଥିଲେ । ବିମ୍ବାଧର ପଡ଼ିହାରୀ,ବସନ୍ତ କୁମାର ପଲାଇ, ବିଜୟ ଲେଙ୍କା ପ୍ରମୁଖ ଅହୋରାତ୍ର ନାମ କୀର୍ତ୍ତନ ଅବ୍ୟାହତ ରଖିଥିଲେ । ଗ୍ରାମର ପୂର୍ବତନ ସଭାପତି ପ୍ରହଲ୍ଲାଦ ସ୍ୱାଇଁ ୩୫ ଜଣ ସଂକୀର୍ତ୍ତନ କଳାକାରମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମ ସଭାପତି ସୌମ୍ୟକାନ୍ତ ସ୍ୱାଇଁ ଓ କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅଲେଖ ଚରଣ କୁଅଁର, ନଟବର ବିଶ୍ୱାଳ, ଚିତ୍ତରଞ୍ଜନ କୁଅଁର, ତ୍ରିଲୋଚନ ରାଉତ, ଉଦୟନାଥ ପଲାଇ ପ୍ରମୁଖ ଉତ୍ସବ ପରିଋଳନା କରିଥିଲେ । ବରିଷ୍ଠ ସଭ୍ୟ ଗୋଲକ ବିହାରୀ ସାହୁ, ସହଦେବ କୁଅଁର, ଅଶୋକ କୁମାର ସାହୁ,ସୁକଦେବ ବେହେରା, ମହେଶ୍ୱର ମଲ୍ଲିକ ଓ ଗୋଲୋକ ବିହାରୀ ପଲାଇ ପ୍ରମୁଖ ସମସ୍ତ କର୍ମକର୍ତ୍ତାଗଣଙ୍କୁ ଚଳିତ ବର୍ଷର ଉତ୍ସବ ପରିଋଳନା ପାଇଁ ଅଭିନନ୍ଦନ ଜଣାଇଥିଲେ ।

# ବର୍ଜ୍ୟବସ୍ତୁ ପରିଚାଳନା ଓ ସମୁଦ୍ରକୂଳ ସଫେଇ ସମ୍ପର୍କରେ ଆଲୋଚନାଚକ୍ର

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ସୁଇସ୍ ଫେଡ଼େରାଲ ଇନଷ୍ଟିଚ୍ୟୁଟ ଆକ୍ୱାଟିକ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ପୁରୀ ପୌରସଂସ୍ଥା ଓ ଉଷ୍ଟି ଫାଉଣ୍ଡେସନ ଅଫ ଇଣ୍ଡିଆ ମିଳିତ ସହଯୋଗରେ ଚକ୍ରତୀର୍ଥ ରୋଡ୍ ସ୍ଥିତ ବିଏନଆର ଚାଣକ୍ୟ ସଭାଗୃହ ଠାରେ ଦୁଇ ଦିନିଆ ଆଲୋଚନାଚକ୍ର ଆରମ୍ଭ ହୋଇଛି । ପେଣ୍ଠକଟା ବସ୍ତି ଅଞ୍ଚଳ ସଫେଇ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସମୁଦ୍ରକୂଳ ସଫେଇ ଓ ପରିବେଶ ସୁସ୍ଥ ରଖିବା ସଂପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସୁଇଜରଲ୍ୟାଣ୍ଡର ବିଶେଷଜ୍ଞ ପ୍ରତିନିଧି , ପୁରୀ ପୌରସଂସ୍ଥାର ଅଧିକାରୀମାନେ ଓ ଉଷ୍ଟି ଫାଉଣ୍ଡେସନ ଅଫ ଇଣ୍ଡିଆର କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରୁ ଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ଓ ମହିଷାସୁର ବଧ ନୃତ୍ୟ ପରିବେଷଣ କରାଯାଇଥିଲା । ପାଇଲଟ ପ୍ରୋଜେକ୍ଟ ହିସାବରେ ଉଷ୍ଟି ଫାଉଣ୍ଡେସନ ଅଫ ଇଣ୍ଡିଆକୁ ଏହି ଦାୟିତ୍ୱ ଦିଆଯାଇଛି । ଏହି ଆଲୋଚନାଚକ୍ରରେ ବର୍ଜ୍ୟବସ୍ତୁ ପରିଚାଳନା, ବିଶ୍ୱସ୍ତରୀୟ ବର୍ଜ୍ୟବସ୍ତୁ ପରିଚାଳନା ଓ ସମୁଦ୍ରକୂଳ ସଫେଇ ସଂପର୍କରେ ଆଲୋକପାତ କରାଯାଇ ଥିଲା । ପେଣ୍ଠକଟା ଅଞ୍ଚଳରେ ବସବାସ କରୁଥିବା ୩୦ ହଜାର ମତ୍ସ୍ୟଜୀବୀଙ୍କ ସ୍ୱାସ୍ଥ୍ୟଗତ ସୁବିଧା ପାଇଁ ପ୍ରତି ପରିବାରକୁ ଅଳିଆ ରଖିବା ବାଲଟି ଦିଆଯିବ । ବାସିନ୍ଦାମାନେ ଯେପରି ବସ୍ତି ଭିତରେ ଓ ସମୁଦ୍ରକୂଳେ ବର୍ଜ୍ୟବସ୍ତୁ ନ ଫୋପାଡ଼ିବେ ସେ ସଂପର୍କରେ ସଚେତନ କରାଯିବ । ମତ୍ସ୍ୟଜୀବୀ ବସ୍ତି ଅଞ୍ଚଳ ସଫେଇ, ପରିବେଶ ଶିକ୍ଷା ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହା ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

**ଖଲ୍ଲିକୋଟ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଛଅ ଦିନ ବ୍ୟାପୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ତରଫରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, କୁଳସଚିବ ସୁଶ୍ରୀ ଶାନ୍ତି ସୁଧା ପାତ୍ର ଆଦିଙ୍କ ପ୍ରେରଣା ଏବଂ ଛାତ୍ର କଲ୍ୟାଣ ଅଧିକାରୀ ତଥା ନୋଡାଲ ଅଫିସର ଡ. ଉଷାରାଣୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ଅବସରରେ ଟିମ୍ ମ୍ୟାନେଜର ତଥା ମାର୍ଗଦର୍ଶକ ଭାବେ ଡ. ରଶ୍ମିତା ପଣ୍ଡା ଓ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ ପ୍ରତିଯୋଗୀଙ୍କ ସହ ଯାତ୍ରା କରିଥିଲେ । ପ୍ରତିଯୋଗିତାର ପ୍ରଥମ ଦିବସ ଅର୍ଥାତ ଉଦଘାଟନୀ ସାଂସ୍କୃତିକ ଶୋଭାଯାତ୍ରା ଅବସରରେ



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ବିଶେଷତ୍ୱ ଦର୍ଶାଇବାକୁ ଯାଇ ଚଢ଼େୟା ନୃତ୍ୟ, ବ୍ରହ୍ମପୁରର ମା' ବୁଢ଼ୀ ଠାକୁରାଣୀ ଯାତ୍ରା, ବାଘନାଚ ଆଦି ପ୍ରଦର୍ଶନ କରି ଅଗଣିତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଏହା ସହ ପ୍ରତ୍ୟେକ ଦିନ ଆୟୋଜିତ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଗୁଡ଼ିକରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କ ପ୍ରଦର୍ଶନ ବେଶ୍ ଉତ୍ସାହଜନକ ଥିଲା । ଏକକ ବିଶ୍ୱବିଦ୍ୟାଳୟ ତରଫରୁ କ୍ଷିତିଜ, ପ୍ରବୀଣ, କେଦାର, ଅମ୍ବିକା, ଶକ୍ତି ଶଙ୍କର, ନମିତା, ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ସ୍ମୃତି ସ୍ୱରୂପା,ଅଦିତି, ରାମେଶ୍ୱରୀ, ସୁମନ, ଦେବାର୍ଚ୍ଚନ, ଦେବକୀ, ପ୍ରୀତି, ତ୍ରିବେଣୀ, ସନ୍ଦୀପ, ଶୁଭସ୍ମିତା, ଯଜ୍ଞ ନାରାୟଣ, ଶୁଭଲକ୍ଷ୍ମୀ ବେହେରା, ପ୍ରିନ୍ସ, ଅନିତା, ହିପଶିବା, ମୁକ୍ତିରାଜ, ଦିବ୍ୟାଶ୍ରୀ, ନୀତିଶା, କୃଷ୍ଣ, ରାକେଶ, ଟୁକୁନା ପ୍ରମୁଖ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସହ ସେମାନଙ୍କ ସହାୟକ ଭାବେ ସୋମନାଥ ବେହେରା, ଏମ. ମାଧବ ପାତ୍ର, ଶୁଭ୍ର ସୌରଭ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଆ କବିତା ଲିଖନରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଛାତ୍ରୀ ଶୁଭଲକ୍ଷ୍ମୀ ପାଣିଗ୍ରାହୀ ଦ୍ୱିତୀୟ ଓ ଇଂରାଜୀ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଇଂରାଜୀ ବିଭାଗର ସ୍ମୃତି ସ୍ୱରୂପା ମହାପାତ୍ର ତୃତୀୟ ସ୍ଥାନ ହାସଲ କରି ବିଶ୍ୱବିଦ୍ୟାଳୟ ପାଇଁ ସଫଳତା ଆଣିଦେଇଥିଲେ । ଅନ୍ୟାନ୍ୟ ପ୍ରତିଯୋଗିତାରେ ପଦକ ଆସିନଥିଲେ ମଧ୍ୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ବେଶ ଉତ୍ସାହଜନକ ଥିଲା । ଛାତ୍ର ଛାତ୍ରୀଙ୍କ ଏହି ସଫଳତା ପାଇଁ କୁଳପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସମସ୍ତ ବିଭାଗ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଋରୀବୃନ୍ଦ ଅଭିନନ୍ଦନ ଜଣାଇବା ସହ ଉତ୍ସାହିତ କରିଥିଲେ ।

# ବରିଷ୍ଠ ନାଗରିକ ପରିଷଦର ବୈଠକ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଆଗ୍ରାହାଟ ପଞ୍ଚାୟତସ୍ଥିତ ଯାଜଭୈରବ ବରିଷ୍ଠ ନାଗରିକ ପରିଷଦର ପ୍ରସ୍ତୁତି ବୈଠକ ମା'କାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସଦସ୍ୟ ମାନେ ଯୋଗଦେଇ ଯାଜଭୈରବ କଲୋନୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କଲୋନୀରେ ଆବଶ୍ୟକୀୟ ପାନୀୟ ଜଳ, ରାସ୍ତା, ଆଲୋକୀକରଣ, ଡ୍ରେନ୍ ନିର୍ମାଣ ଓ ମରାମତି, ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଚୌଦ୍ୱାର ପୌର ପରିଷଦକୁ କଲୋନୀଗୁଡ଼ିକ ହସ୍ତାନ୍ତର ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସନ୍ତା ମାର୍ଚ୍ଚ ୨୩ ତାରିଖ ଦିନ ପରିଷଦର ବାର୍ଷିକ ଉତ୍ସବ କରାଯିବା ଓ ଏହି କାର୍ଯ୍ୟକ୍ରମକୁ ବିଧାୟକ, ଥାନା ଅଧିକାରୀ, ପୌରପାଳିକା କର୍ମକର୍ତ୍ତାମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମୁରବୀ ପିତାମ୍ବର ସାମଲଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ । ଉତ୍ତମ ସ୍ୱାଇଁ, ପିତାମ୍ବର ସାମଲ, ଦେବରାଜ ଦାସ, କୀର୍ତ୍ତନ ପାତ୍ର, ପ୍ରଦୀପ୍ତ ଦଳାଇ, ଯଦୁମଣି ବେହେରା, ପ୍ରଦୀପ୍ତ ଶତପଥୀ, ମୁରଲୀଧର ସିଠ, ଚେରୁ ପ୍ରଧାନ, ରବିନ୍ଦ୍ରନାଥ ମଲ୍ଲ, ଅଜୟ ଦାସ, ମନୋରଞ୍ଜନ ରଥ ପ୍ରମୁଖ ପରିଚାଳନା କରିଥିଲେ । ବିଶ୍ୱଜିତ୍ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।





## ଭାରତୀୟ ରେଳବାଇ ବିଦ୍ୟୁତ୍ ଟ୍ରାକ୍ସନର ୧୦୦ ବର୍ଷ ପାଳନ ପ୍ରଗତିର ଏକ ଶତାବ୍ଦୀ

# ଟ୍ରାକ୍ସନ୍ ବଣ୍ଟନ (ଟିଆରଡି) ଭାରତୀୟ ରେଳବାଇ ପାଇଁ ଏକ ରୋଲ୍ ମଡେଲ୍: ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୩ ଫେବୃଆରୀ ୧୯୨୫ ରେ ଭାରତର ପ୍ରଥମ ବିଦ୍ୟୁତ୍ ଟ୍ରେନର ଶୁଭାରମ୍ଭ ପରଠାରୁ ୧୦୦ ବର୍ଷର ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଲକ୍ଷ୍ୟ କରି ଗର୍ବର ସହିତ ବୈଦ୍ୟୁତିକ ଟ୍ରାକ୍ସନର ଶତବାର୍ଷିକୀ ପାଳନ କରୁଛି ଭାରତୀୟ ରେଳବାଇ । ବିଗତ ଶତାବ୍ଦୀରେ, ବିଦ୍ୟୁତୀକରଣ ରେଳବାଇ କାର୍ଯ୍ୟରେ ବିପ୍ଳବ ଆଣିଛି, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦକ୍ଷତା, ସ୍ଥାୟୀତ୍ୱ ଏବଂ ପ୍ରଗତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଧୁନିକ ରେଳବାଇ କାର୍ଯ୍ୟରେ ସ୍ୱୟଂଚାଳିତ, ରକ୍ଷଣାବେକ୍ଷଣ ଏବଂ ନିଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଭାରତୀୟ ରେଳବାଇକୁ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଉନ୍ନତି ସହିତ ଖାପ ଖୁଆଇବା ଏବଂ ଆଗାମୀ ୨୫ ବର୍ଷ ପାଇଁ ପ୍ରସ୍ତୁତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଫୁଙ୍କୱାଲ ରେଳବାଇ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବାର କାର୍ଯ୍ୟକଳାପକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତୀୟ ରେଳବାଇ ମଧ୍ୟରେ ଟ୍ରାକ୍ସନ୍ ବଣ୍ଟନ (ଟିଆରଡି)କୁ ଏକ ରୋଲ୍ ମଡେଲ୍ ଭାବରେ ସ୍ୱୀକାର କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ସମସ୍ତ ପ୍ରମୁଖ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ମାନଙ୍କ ସହିତ ପ୍ରମୁଖ




ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଯୋଗ ଦେଇଥିଲେ, ଯେଉଁମାନେ ସାମୂହିକ ଭାବରେ ଭାରତରେ ରେଳ ବିଦ୍ୟୁତୀକରଣର ଉଲ୍ଲେଖନୀୟ ଯାତ୍ରାକୁ ସ୍ୱୀକୃତି ଦେଇଥିଲେ। ଭାରତରେ ରେଳ ବିଦ୍ୟୁତୀକରଣର ମୂଳଦୁଆ ୩ ଫେବୃଆରୀ ୧୯୨୫ରେ ପ୍ରାରମ୍ଭ କରାଯାଇଥିଲା ଯେତେବେଳେ ଗ୍ରେଟ୍ ଇଣ୍ଡିଆନ୍ ପେନିନସୁଲା ରେଲୱେ ବମ୍ବେ ଭିଟି (ବର୍ତ୍ତମାନ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍) ଏବଂ କୁର୍ଲା ମଧ୍ୟରେ ପ୍ରଥମ ବୈଦ୍ୟୁତିକ ଟ୍ରେନ ସେବା ପ୍ରଚଳନ କରିଥିଲା। ଏହି ୧୬ ରୁଟ୍ କିଲୋମିଟର ସେକ୍ସନ ୧୫୦୦ ଟ୍ରାକ୍ସନ୍ ସିଷ୍ଟମରେ ପରିଚାଳିତ ହୋଇଥିଲା ଏବଂ ବମ୍ବେର ତତ୍କାଳୀନ ରାଜ୍ୟପାଳ ସାର୍ ଲେସଲି ୱିଲସନ୍ଙ୍କ ଦ୍ୱାରା ଏହାକୁ ଉଦ୍ଘାଟନ କରାଯାଇଥିଲା। ଏହି ମାଇଲଖୁଣ୍ଟ ସହିତ, ଭାରତ ବୈଦ୍ୟୁତିକ ଟ୍ରାକ୍ସନ୍ ଗ୍ରହଣ କରିବାରେ ବିଶ୍ୱର ୨୪ତମ ଦେଶ ପାଲଟିଲା। ରେଳ ବିଦ୍ୟୁତୀକରଣର ପ୍ରାରମ୍ଭିକ ପର୍ଯ୍ୟାୟ ଅନେକ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟା ଗୁଡିକର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତଥାପି, ନିରନ୍ତର ନବସୃଜନ ଯୋଗୁଁ ୧୯୫୦ ଦଶକରେ ୩୦୦୦ ଟ୍ରାକ୍ସନ ଗ୍ରହଣ କରାଯାଇଥିଲା ଏବଂ ୧୯୫୭ ମସିହାରେ ହାୱଡା-ବର୍ଦ୍ଧମାନ ସେକ୍ସନ ଏହି ସିଷ୍ଟମ ଅଧୀନରେ ପ୍ରଥମ ବିଦ୍ୟୁତୀକରଣ ହୋଇଥିଲା। ୨୫ ଟ୍ରାକ୍ସନର ଉତ୍କୃଷ୍ଟ ଦକ୍ଷତାକୁ ସ୍ୱୀକାର କରି, ଭାରତୀୟ ରେଳବାଇ ଟ୍ରାକ୍ସନ ପରାମର୍ଶଦାତା କମିଟିର ସୁପାରିଶ ଆଧାରରେ ୧୯୫୭ ମସିହାରେ ଏହି ସିଷ୍ଟମକୁ ମାନକୀକରଣ କରିଥିଲା। ରେଳ ବିଦ୍ୟୁତୀକରଣରେ ମାଇଲଖୁଣ୍ଟ । ୧୯୪୭: ଭାରତରେ ୧୫୦୦ ଟ୍ରାକ୍ସନରେ ୩୮୮ ବିଦ୍ୟୁତୀକରଣ ହୋଇଥିଲା। ୧୯୬୦: ରାଜ ଖରସୁଆଁ-ଡୋଙ୍ଗୋଆପୋସି ମଧ୍ୟରେ ପ୍ରଥମ ୨୫ ବିଦ୍ୟୁତୀକରଣ ସେକ୍ସନରେ ଟ୍ରେନ ଚଳାଚଳ କରିଥିଲା । ୧୯୮୪: କୋଲକାତା ମେଟ୍ରୋ ୭୫୦ ତୃତୀୟ ରେଳ ସିଷ୍ଟମ ସହିତ ଆରମ୍ଭ ହୋଇଥିଲା। ୧୯୯୫: ବିନା-କଟନି ଏବଂ କଟନି-ଅନୁପପୁର-ବିଶ୍ରାମପୁର ସେକ୍ସନରେ ୨X25 କେଭି ଏଟି ସିଷ୍ଟମ ପ୍ରଚଳନ କରାଯାଇଥିଲା। ୨୦୦୬: ମୁମ୍ବାଇ ଉପନଗରୀୟ ରେଳ ମାର୍ଗମାନଙ୍କରେ ଟ୍ରାକ୍ସନକୁ ୨୫ କେଭି ଏସିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ। ୨୦୨୪: ବ୍ରଡଗେଜ୍ ରୁଟ୍ର ୧୦୦% ବିଦ୍ୟୁତୀକରଣ ହାସଲ, ୬୫,୦୦୦ ରୁଟ କିଲୋମିଟର - ଜକଗ ଅତିକ୍ରମ। ପୂର୍ବତଟ ରେଳପଥରେ ବିଦ୍ୟୁତୀକରଣ ସଫଳତା। ୨୦୦୩ ମସିହାରେ ପୂର୍ବତଟ ରେଳପଥର ଗଠନ ହେବା ପରଠାରୁ, ପୂର୍ବତଟ ରେଳପଥ ଭାରତର ବିଦ୍ୟୁତୀକରଣ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥରେ ପ୍ରଥମ ବିଦ୍ୟୁତୀକରଣ ସେକ୍ସନ ଥିଲା ୧୯୮୩ ମସିହାରେ କୋଟଭାଲାସା-କିରନ୍ଦୁଲ ଲାଇନର ଜଗଦଲପୁର-କୋରାପୁଟ ରେଳ ସେକ୍ସନ, ଯାହା ସେତେବେଳେ ଦକ୍ଷିଣ ପୂର୍ବ ରେଳପଥର ଅଂଶ ଥିଲା । ବର୍ଷ ବର୍ଷ ଧରି, ପ୍ରମୁଖ କରିଡରରେ ବିଦ୍ୟୁତିକରଣ ବିସ୍ତାର ହୋଇ ୨୦୨୪ ସୁଦ୍ଧା ୧୦୦% ବିଦ୍ୟୁତିକରଣରେ ପରିଣତ ହେଲା । ପୂର୍ବତଟ ରେଳପଥରେ ବିଦ୍ୟୁତିକରଣର ପ୍ରମୁଖ ମାଇଲଖୁଣ୍ଟ: କୋଟଭାଲାସା-କୋରାପୁଟ-କିରାଣ୍ଡୁଲ ଲାଇନ ୧୯୮୩ରେ ବିଦ୍ୟୁତକରଣ ହୋଇଛି, କୋରାପୁଟ - ଦାମନଯୋଡି ୧୯୮୯ରେ, ୨୦୦୦ରେ ଦୁଭାଡା-ପଲାସା, ୨୦୦୨ରେ ପାଲାସା-ଖୋର୍ଦ୍ଧା ରୋଡ, ୨୦୦୪ରେ ବାରଙ୍ଗ-ତାଳଚେର, ୨୦୦୫ରେ ଖୋର୍ଦ୍ଧା ରୋଡ-ପୁରୀ, ୨୦୦୬ରେ ଖୋର୍ଦ୍ଧା ରୋଡ-ଭଦ୍ରକ, ୨୦୦୮ରେ କଟକ-ପାରାଦୀପ, ୨୦୧୬ରେ ବିଜୟନଗରମ-ସିଙ୍ଗାପୁର ରୋଡ୍, ୨୦୧୭ରେ ଝାରସୁଗୁଡା-ସମ୍ବଲପୁର, ୨୦୧୮ରେ ସିଙ୍ଗାପୁର ରୋଡ୍-ଦାମନଯୋଡି, ୨୦୧୯ରେ ସମ୍ବଲପୁର-ଟିଟିଲାଗଡ-ଲାଖୋଲି ଏବଂ ସମ୍ବଲପୁର-ଅନୁଗୁଳ ରେଳ ବିଦ୍ୟୁତୀକରଣ ହୋଇଛି। ବିଦ୍ୟୁତ ଟ୍ରାକ୍ସନର ଶତବାର୍ଷିକୀ ଭାରତୀୟ ରେଳବାଇର ଆଧୁନିକୀକରଣ ଏବଂ ସ୍ଥାୟୀତ୍ୱ ଦିଗରେ ରେଳବାଇ ରୂପାନ୍ତରଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ୧୯୨୫ରେ ୧୬ କିଲୋମିଟର ଦୈର୍ଘ୍ୟ ବୈଦ୍ୟୁତିକ ଟ୍ରେନ୍ ସେବା ଆରମ୍ଭ ହେବାଠାରୁ ୨୦୨୪ରେ ଶତପ୍ରତିଶତ ବ୍ରଡଗେଜ୍ ବିଦ୍ୟୁତୀକରଣ ହାସଲ କରିବା ପର୍ଯ୍ୟନ୍ତ, ପରିବର୍ତ୍ତନ ସାଧାରଣ ହୋଇନଥିଲା। ୨୦୩୦ ସୁଦ୍ଧା ନେଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବାର ଦୃଷ୍ଟିକୋଣ ସହିତ, ଭାରତୀୟ ରେଳବାଇ ଭାରତରେ ରେଳ ପରିବହନର ଭବିଷ୍ୟତକୁ ପୁନଃପରିଭାଷିତ କରିବାକୁ ପ୍ରସ୍ତୁତ ଯାହାକି ଏହାକୁ ଦ୍ରୁତ, ସବୁଜ ଏବଂ ଅଧିକ ଦକ୍ଷ କରିପାରିବ ।

## ଚୋରା ମଦ ଜବତ : ୫କୋର୍ଟ ଚାଲାଣ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରାପଡ଼ା ଟାଉନ ଓ ନିକିରେଇ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ଶ୍ରୀ ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ୱାବଧାନରେ ଅବକାରୀ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୪୭ ଲିଟର ଚୋରା ଦେଶୀ ମଦ ଓ ରନ୍ଧା ମଦ ସହିତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ସାନ୍ତସାହି ଗ୍ରାମର ଦେବାଶିଷ ସାହୁ, ଓ ମନୋରଞ୍ଜନ ସାହୁ, ପାଳକଣା ଗ୍ରାମର ସୁରେଶ ସେଠୀ, ଓ ଦୀପକ ସେଠୀ, ଓ କାକଟ ଗ୍ରାମର ରଘୁନାଥ ନାୟକ ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୪୭ ଲିଟର ଚୋରା ଦେଶୀ, ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଓଡ଼ିଶା ରେରା ଅଧକ୍ଷ ସିଦ୍ଧାନ୍ତ ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ସ୍ଥାବର ସମ୍ପତ୍ତି ନିୟାମକ (ରେରା)ର ଅଧକ୍ଷ ସିଦ୍ଧାନ୍ତ ଦାସ ଦୀର୍ଘ ବର୍ଷ ଧରି ଏହି ପଦବୀରେ ଥିବା ବେଳେ ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ଓ ବନ୍ୟପ୍ରାଣୀ ପରିଚାଳନା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ସଶକ୍ତ କମିଟି (ସିଇସି)ର ଅଧକ୍ଷ ନିଯୁକ୍ତ ହୋଇଛନ୍ତି । ତେଣୁ ଓଡିଶା ସରକାରଙ୍କ ସ୍ଥାବର ସମ୍ପତ୍ତି ନିୟାମକରୁ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଏହି ଅବସରରେ 'ରିଅଲ ଇଷ୍ଟେଟ ବାର' ଆସୋସିଏସନ, ଓଡିଶା ତରଫରୁ ଶ୍ରୀ ଦାଶଙ୍କୁ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦାସ, ଉପ ସଭାପତି ଶୀଳଭଦ୍ର ଶାସ୍ତ୍ରୀ, ସମ୍ପାଦକ ଚନ୍ଦନ କୁମାର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ବି.ଏନ୍.ମିଶ୍ର, ସୋନାଲି ମହାପାତ୍ର, ସଂଘର ବରିଷ୍ଠ ସଦସ୍ୟ ଚିତ୍ତ ରଞ୍ଜନ ରାୟ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ଏବଂ ରେରାର ନ୍ୟାୟିକ ସଦସ୍ୟ ଗୋପାଳ ବଲ୍ଲଭ ପଟ୍ଟନାୟକ ଏବଂ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଶାସକ୍ତ ଯୁବକର ଉନ୍ମତ୍ତ କାଣ୍ଡ: କାନ୍ଥ ଭାଙ୍ଗି ଘରେ ପୂରାଇଲେ କାର୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଆଜି ଭୋର ସମୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆଜି ଭୋର ୪.୩୦ଟା ସମୟରେ ୪ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଏକ କାରରେ ଆସି କାନ୍ଥ ଭାଙ୍ଗି ଘରେ ପୂରାଇଥିଲେ। ଏ ଘଟଣା କୁଆଡ଼େ ପ୍ରଥମ ନୁହେଁ, ନିଶାସକ୍ତ ଅବସ୍ଥାରେ ଏହି ଯୁବକମାନେ ବାରମ୍ବାର ଏଭଳି କାଣ୍ଡ କରିଥାନ୍ତି ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଯୁବକମାନେ ବରମୁଣ୍ଡା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଏଭଳି କାଣ୍ଡ ଘଟାଇଛନ୍ତି। ଘଟଣାର ଭିଡିଓ ଦେଖିଲେ ଛାତି ଥରି ଉଠିବ। ଘରର କାନ୍ଥ ଭାଙ୍ଗିବା ପରେ ବି ଯୁବକମାନେ ଅବାନ୍ତର ଯୁକ୍ତି କରିବାକୁ ପଛାଇ ନାହାନ୍ତି।

## ବର୍ଷକରେ ବଦଳିଲେଣି ୨ଜଣ ଡିଆଇଜି




**କୋରାପୁଟ, ନ୍ୟୁଜ ବ୍ୟୁରୋ**

ଗତ ବର୍ଷକ ମଧ୍ୟରେ କୋରାପୁଟରେ ଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ପଦବିରେ ୨ଥର ବଦଳିଲେଣି। ରାଜ୍ୟ ସରକାର ସଂପ୍ରତି ପୁଣି ବରିଷ୍ଠ ଆଇପିଏସ୍ ଅଧିକାରୀ ଓ ଜିଲ୍ଲା ଏସପିମାନଙ୍କର ଅଦଳବଦଳ କରିଛନ୍ତି। ଏହି କ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜି ନିତି ଶେଖର ଦକ୍ଷିଣାଞ୍ଚଳ ଆଇଜି ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଡିଆଇଜି ଅପରେସନ୍ ଥିବା ଅଖିଳେଶ୍ୱର ସିଂଙ୍କୁ ବଦଳି ହୋଇଛି। ୫ମାସରେ ଥରେ ଲେଖାଏଁ ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜିଙ୍କର ଅଦଳ ବଦଳ ଘଟଣାକୁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅବିଭକ୍ତ କୋରାପୁଟଜିଲ୍ଲା ସମେତ କଳାହାଣ୍ଡି, ନୂଆପଡ଼ା ମାଓପ୍ରବଣ ଜିଲ୍ଲା। ନୂଆରେ ଯେଉଁ ଡିଆଇଜିମାନେ ଏଠାରେ ଯୋଗ ଦେଉଛନ୍ତି ସେମାନେ ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏସପି ଭାବେ କାର୍ଯ୍ୟ କରି ପଦନ୍ନୋତି ପାଇ ବଦଳିରେ ଯାଇଛନ୍ତି। ଏହି ଜିଲ୍ଲାଗୁଡିକର ଭୌଗଳିକ ସ୍ଥିତି ଓ ମାଓ ଗତିବିଧି, ଅପରାଧ, ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ଭଲ ଭାବେ ଅବଗତ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଏଠାରେ ରାଜ୍ୟ ସରକାର ଅବସ୍ଥାପିତ କରି ଆସୁଛନ୍ତି।

## ନୂଆଁ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର ପ୍ରଦାନ

# ୨୨ ଖଣ୍ଡ ଗ୍ରାମର ହଜାରରୁ ଉର୍ଦ୍ଧ୍ୱ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ

**ସୁବର୍ଣ୍ଣପୁର: ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ୩ ଗୋଟି ପଞ୍ଚାୟତର ୨୨ଟି ଗ୍ରାମକୁ ତେଲ ନଦୀରେ ମେଗା ଲିଫ୍ଟ ପଏଣ୍ଟ ମାଧ୍ୟମରେ ଋତୁ କାଳୀନ ଏକକ ଚାଷ ସୁନିଶ୍ଚିତ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଠାରେ ଦାବିପତ୍ର ପ୍ରଦାନ୍ କରଯାଇଛି । ମିଳିଥିବା ସୂଚନା ଅନୁସାରେ ତରଭା ବ୍ଲକର ୩ଗୋଟି ସରଗଜ, ଦୁବୁଲା, ତୁଲୁଣ୍ଡା ପଞ୍ଚାୟତର ୨୨ ଖଣ୍ଡ ଗ୍ରାମ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଜଳ ସୋଚନର ସୁବିଧାରୁ ବଞ୍ଚିତ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତିନି ପଞ୍ଚାୟତ ଚାଷୀମାନଙ୍କ ସୁବିଧା ନେଇ ଦୀର୍ଘ କୋଡିଏ ଦିନ ଧରି ଚାଷୀ ନେତା ମିତ୍ର ବ୍ରତ ମିଶ୍ର, ସନ୍ତୋଷ ପଟ୍ଟନାୟକ ଓ ଅନ୍ୟ ଚାଷୀମାନେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇ ଦସ୍ତଖତ ସଂଗ୍ରହ ସହ ଚାଷ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରିଥିଲେ । ସମସ୍ତ ଗ୍ରାମର ଚାଷୀମାନଙ୍କର ଏକ ମାତ୍ର ସମସ୍ୟା ସମାଧାନ ନେଇ ଋତୁ କାଳୀନ ଚାଷ କାର୍ଯ୍ୟପାଇଁ ତେଲ ନଦୀରେ ଏକ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏକ ମାସ ତଳେ ଏଅଞ୍ଚଳର ଚାଷୀମାନେ ଜିଲ୍ଲାପାଳଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ ପରେ ଜିଲ୍ଲାପାଳ ଶ୍ରୀମତୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନୀରିକ୍ଷକ ଜଳ ସେଚନର ସମସ୍ୟା ନେଇ ରିପୋର୍ଟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ତାଙ୍କ ପ୍ରତିଶୃତି ରକ୍ଷା କରିଥିବାରୁ ଗତ ଅଭିଯୋଗ ଶୁଣାଣି



ଶିବିରରେ ଚାଷୀ ନେତା ଶ୍ରୀ ମିଶ୍ର ଓ ସମ୍ପୃକ୍ତ ଅଞ୍ଚଳର ଶତାଧିକ ଚାଷୀ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ସାଧୁବାଦ ଓ କୃତଜ୍ଞତା ଜଣାଇଥିଲେ । ଋତୁ କାଳୀନ ଚାଷ ପାଇଁ ତେଲ ନଦୀରେ ଶୀଘ୍ର ନୂତନ ଏକ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ କରିବା ନେଇ ସରଗଜ, ଦୁବୁଲା, ତୁଲୁଣ୍ଡା ଗ୍ରାମପଞ୍ଚାୟତର ସରଗଜ, ଚନ୍ଦନ ପାଲି, ବଘିଆ ମୁଣ୍ଡା, ତେନ୍ତୁଳୀଖୁଣ୍ଟି, ନକଟିକନା, ତେନ୍ତୁଳିଆ ମୁଣ୍ଡା ସମେତ ଅନେକ ଗ୍ରାମର ଚାଷୀମାନେ ପୁଣି ଥରେ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ । ଚାଷୀ ନେତା ମିତ୍ରବ୍ରତ ମିଶ୍ର, ସନ୍ତୋଷ ପଟ୍ଟନାୟକ, ପବିତ୍ର ମିଶ୍ର, ତପନ ମିଶ୍ର, କୈଳାସ ମିଶ୍ର, ଚିନ୍ତାମଣି ମିଶ୍ର, ଉପିନ ନାଏକ, ବୀରେନ୍ଦ୍ର ରଣା, ରାଜେନ୍ଦ୍ର ରଣା,ବିଶେଶ୍ୱରସାହୁ ମନୋହର ମିଶ୍ର, ପରମେ ମିଶ୍ର, ଅଶୋକ ମିଶ୍ର, ଭକ୍ତ ମହଲା, ଶୁଭ୍ର ମିଶ୍ର, ସୁଶୀଳ ମଲ୍ଲିକ, ସୁକାନ୍ତ ମିଶ୍ର, ଗଣେଶ ମିଶ୍ର, ଦୟାନିଧି ମିଶ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଦାବିପତ୍ର ପ୍ରଦାନ ସମୟରେ ତରଭା ବିଡ଼ିଓ ଗଙ୍ଗାରାମ ବୁଢ଼େକଙ୍କ ସହ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଗୁରୁତ୍ୱାରୋପ



**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଉପଖଣ୍ଡସ୍ତରୀୟ କମିଟି ଓ ତହସିଲ ସ୍ତରୀୟ ଏନଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି । ଉପଖଣ୍ଡସ୍ତରୀୟ କମିଟିରେ ଉପଜିଲ୍ଲାପାଳ ପାନପୋଷ ଅଧକ୍ଷ ଅଛନ୍ତି । ଏହା ସହିତ ଏସଡିପିଓ, ଏସସିଏଫ, ତହସିଲଦାର, ଥାନା ଅଧିକାରୀମାନେ ସଦସ୍ୟ ଓ ମାଇନିଙ୍ଗ ଅଧିକାରୀଙ୍କୁ ସଂଯୋଜକ ରଖାଯାଇଛି । ସେହିପରି ତହସିଲ ସ୍ତରୀୟ କମିଟିରେ ତହସିଲଦାର ଅଧକ୍ଷ ଅଛନ୍ତି । ରେଞ୍ଜ ଅଧିକାରୀ ଓ ସଂପୃକ୍ତ ଅଞ୍ଚଳର ଆଇଆଇସିମାନେ ସଦସ୍ୟ ଏବଂ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଙ୍ଗ ଅଫିସର ସଂଯୋଜକ ରହିଛନ୍ତି ।

ଏହି ପରିପ୍ରେକ୍ଷିରେ କମିଟି ଗଠନ ହେଲା ପରେ ଉପଖଣ୍ଡ ସ୍ତରୀୟଏନଫୋର୍ସମେଣ୍ଟ କମିଟି ପ୍ରଥମ ବୈଠକ ଉପଜିଲ୍ଲାପାଳ ପାନପୋଷ ବିଜୟ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାନପୋଷ ଉପଖଣ୍ଡରେ ବାଲି, ପଥର, ଚିପ୍ସ, ମେଟାଲ ଆଦିର ଚୋରା ଚାଲାଣ ରୋକିବା ପାଇଁ ପୋଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବରେ କାର୍ଯ୍ୟ କରିବ ଓ ଏନଫୋର୍ସମେଣ୍ଟକୁ ଆହୁରି ମଜବୁତ କିପରି କରିପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ଲଘୁ ଖଣିଜ ପଦାର୍ଥର ବହୁଳ ବ୍ୟବହାର ହେଉଥିବାର ଏହାର ଚୋରା ଚଲାଣ ଉପରେ କଟକଣା ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଏସଡିପିଓ ପାନପୋଷ ଅମ୍ବିତ ମହାନ୍ତି, ଏସଡିପିଓ ବିରମିତ୍ରପୁର ସୁଶାନ୍ତ ଦାସ, ମାଇନିଙ୍ଗ ଅଧିକାରୀ ଅଜୟ କୁମାର ଗିରି ସମେତ ବିଭିନ୍ନ ଥାନାର ଥାନ ଅଧିକାରୀ, ଅତିରିକ୍ତ ତହସିଲଦାରମାନେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୩।୨୦୨୫, ଫାଲ୍ଗୁନ ଦି୨୦ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬।୦୫।୪୯ **ଚନ୍ଦ୍ରୋଦୟ-** ଦିଘ ୮।୧୪।୧୦

**ଚତୁର୍ଥୀ-** ସଂଘ ୬।୦୨ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର-** ଗତେ ଅଶ୍ୱିନୀ କ୍ଷୟ । **ମୀନ ଚନ୍ଦ୍ର-** ପ୍ରାଘ ୬।୩୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ପ୍ରାଘ ୬।୩୯ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ପ୍ରାଘ ୬।୩୯ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ସଂଘ ୬।୦୨ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୮ ଗତେ ଘ ୭।୩୬ ମଧ୍ୟେ, ଦିଘ ୧୦।୪୯ ଗତେ ଘ ୧।୦୯ ମଧ୍ୟେ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ଜୁଟିବ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ। ମୂଲ୍ୟବାନ ଦ୍ରବ୍ୟ ମଧ୍ୟ ଲାଭ କରିପାରନ୍ତି। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୦୩।୨୦୨୫, ଫାଲଗୁନ ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୦୫।୦୩ **ଚନ୍ଦ୍ରୋଦୟ-** ଦିଘ ୦୮।୫୮।୦୬

**ପଞ୍ଚମୀ-** ଦିଘ ୩/୧୭ ପର୍ଯ୍ୟନ୍ତ। **ଦ୍ୱିଜାନକ୍ଷତ୍ର** -ଦିଘ ୨।୩୮ ପର୍ଯ୍ୟନ୍ତ। **ମେଷଚନ୍ଦ୍ର**-ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ବେଲ ଦିଘ ୩/୧୨ ପରେ ନିମ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୯/୦୪ ଗତେ ଘ ୧୦/୪୮ ମଧ୍ୟେ, ଦିଘ ୪/୨୧ ଗତେ ଘ ୫/୦୨ ମଧ୍ୟେ।

31 YEARS
ସମ୍ବାଦ କଳିକା

# ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି । ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି । ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା । ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି । ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି । ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି । ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି । ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି । ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି । କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି । ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି । ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା । ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି । ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି ।

# ଜାତୀୟତାବାଦୀ ସାହିତ୍ୟ ଓ କୁନ୍ତଳା କୁମାରୀ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

କେବଳ ଫୁଲ, ଫଗୁଣ, ରହସ୍ୟ, ରୋମାଞ୍ଚର କବୀ କୁନ୍ତଳା ନୁହନ୍ତି, ଜଣେ ଜାତୀୟତାବାଦିନୀ ସ୍ରଷ୍ଟା ଭାବେ ମଧ୍ୟ ସୁବିଦିତା । 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'ପ୍ରେମଚିନ୍ତାମଣି', 'ଓଡ଼ିଆଣୀଙ୍କ କାନ୍ଦଣା', 'ଗଡ଼ଜାତ କୃଷକ' ଆଦି କବିତା ସଂକଳନ ତାଙ୍କ କୃତିତ୍ୱର ସ୍ୱାକ୍ଷର । ଅସମ୍ପୂର୍ଣ୍ଣ କାବ୍ୟ 'ମଣିକା□ନ', ସହ 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀବୋହୂ', 'ପରଶମଣି', 'ରଘୁଅରକ୍ଷିତ' ଉପନ୍ୟାସର ସେ ରଚୟିତା । ତାଙ୍କ କବିତା, ଉପନ୍ୟାସ ଆଦି ବହୁ ରଚନାରେ ନାରୀଜାଗରଣ, କୁସଂସ୍କାର ଦୂରୀକରଣ, ଅନ୍ୟାୟ ଅତ୍ୟାଚାର ବିରୋଧୀ ସଂଗ୍ରାମର ସ୍ୱର ଅନୁରଣିତ । ତାଙ୍କ ଦେଶ-ଜାତି-ଭାଷା-ପ୍ରୀତି ଅତୀବ ପ୍ରଶଂସନୀୟ । ପରଦାପ୍ରଥା, ବାଲ୍ୟବିବାହ ଉଚ୍ଛେଦ; ତତ୍ ସହିତ ବିଧବା ବିବାହ, ନାରୀଶିକ୍ଷା ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ଦେଶ ମିଶ୍ରଣ ଆନ୍ଦୋଳନ ସମ୍ପର୍କିତ କେତେକ ଲେଖା ତାଙ୍କ ମାତୃଭୂମି ପ୍ରୀତିର ଅମଳିନ ନମୁନା । ଦିଲ୍ଲୀ ତାଙ୍କର ମୁଖ୍ୟ କର୍ମଭୂମି; କିନ୍ତୁ ମନ ଗାଁ-ମାଟି-ଜନ ସହ ସଦା ବିଜଡ଼ିତ । ଭାରତୀ, ତପୋବନ ସଂଘ ତଥା ଅନ୍ୟାନ୍ୟ ଅନୁଷ୍ଠାନର ସେ ସଦସ୍ୟା ଥିଲେ । ୧୯୩୨ ମସିହା, କୁନ୍ତଳା ବରେଲିଠାରେ ଆର୍ଯ୍ୟନାରୀ ସମାଜକୁ ଉଦ୍‌ବୋଧିତ କଲେ । ଏଇଟି ଥିଲା ହିନ୍ଦୀରେ ଲିଖିତ ଭାଷଣ । ଲେଖାଟିର ଶିରୋନାମା ନାରୀ ସ୍ୱରାଜ୍ୟ । ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ପ୍ରଶଂସା ଶତ ମୁଖରିତ ହେଲା । ସଂଗଠନ ଅଭିଯୋଗରେ ଫିରିଙ୍ଗି ସରକାର କୁନ୍ତଳାଙ୍କୁ ଗିରଫ କଲା । ଦିଲ୍ଲୀ ପ୍ରଭାବଶାଳୀ ମହିଳାମାନେ ତାଙ୍କୁ ପୁଲିସ କବଳରୁ ଉଦ୍ଧାର କରିଥିଲେ । ପ୍ରତ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ନହେଲେ ବି ଆପଣା ଲେଖନୀ ଚଳାଇ ଇଂରେଜ ସରକାର ବିରୋଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ତାହା ବାସ୍ତବିକ ଅନନ୍ୟ, ଅସାଧାରଣ ମଧ୍ୟ ।

କବି ଗୋଦାବରୀଶ ମହାପାତ୍ର, ପଣ୍ଡିତ ନୀଳକଣ୍ଠଙ୍କ ପରି ପ୍ରାଜ୍ଞ, ବିଜ୍ଞ, ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକ କୁନ୍ତଳାଙ୍କ ସାହିତ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଏହାଦ୍ୱାରା ସେ ବହୁଭାବରେ ଉତ୍ସାହିତା ହୋଇଥିଲେ । ମୁକ୍ତିସଂଗ୍ରାମ ସାରାଦେଶରେ ଚହଳ ପକାଇ ଥାଏ । କୁନ୍ତଳା ଗାନ୍ଧି ଭାବାଦର୍ଶରେ ଅନୁପ୍ରାଣିତା ହେଲେ । ଅନ୍ୟ ସତ୍ୟାଗ୍ରହୀଙ୍କ ପରି ଖଦଡ଼ ପୋଷାକ ପରିଧାନ କଲେ, ସ୍ୱଦେଶୀ ବସ୍ତୁ ବ୍ୟବହାର କଲେ । ଦେଶବାସୀଙ୍କୁ ସ୍ୱଦେଶୀ ଚିନ୍ତନରେ ଉଦ୍‌ବୁଦ୍ଧ କରିବା ପାଇଁ ଲେଖିଲେ, "ସାବରମତୀର ସ୍ୱରାଜ୍ୟ ସୈନିକ/ ଉଠ ଭାରତର ଯୁବକ ନିର୍ଭୀକ / ଉଠ ଭାରତର ଯୁବକ ନିର୍ଭୀକ/ ଉଠ ଭାରତର ବୀର ପୁତ୍ର ଯାକ / ସେନାପତି ଆଜି ଦେଇଛନ୍ତି ଡାକ ।" (ଆହ୍ୱାନ)

'ଆହ୍ୱାନ' କବିତା ସଂକଳନରେ ତତ୍କାଳୀନ ଇଂରାଜୀ ଶାସକଙ୍କ ଶୋଷଣ, ଲୁଣ୍ଠନ, ପୀଡ଼ନ, ଦମନ ବିରୋଧରେ କବୀ ଦେଇଛନ୍ତି ବଜ୍ର ଗମ୍ଭୀର ଆହ୍ୱାନ । ସମକାଳୀନ ରାଜା, ଜମିଦାର, ଗୁମାସ୍ତା, ଅର୍ଦ୍ଧଶିକ୍ଷିତଙ୍କ ମଧ୍ୟରୁ ଅନେକ ଥିଲେ ବ୍ରିଟିଶମାନଙ୍କ ପଦଲେହନକାରୀ । ଇଂରେଜମାନେ ଏହାର ଭରପୂର ଫାଇଦା ନେଲେ । ଅଧିକରୁ ଅଧିକ ତାଙ୍କ ଆଡ଼କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକାର ଉପାଧି ବାଣ୍ଟିଲେ । ଥୋକେ ଏହାକୁ କିଣିବାକୁ ପ୍ରତିଦ୍ୱନ୍ଦ୍ୱିତାରେ ମାତିଲେ । ଦେଶବାସୀଙ୍କର ଏପ୍ରକାର ରୁଗ୍‌ଣ ମାନସିକତା ସ୍ୱାଧୀନଚେତା କୁନ୍ତଳାଙ୍କୁ ବ୍ୟଥା ଦେଲା । ଏହାକୁ ବିରୋଧ କରି ବ୍ୟଙ୍ଗାତ୍ମକ କବିତାମାନ ଲେଖିଲେ, ଏଥିରେ ଥିଲା ବିଦେଶୀ ଶାସକଙ୍କ ପାଇଁ ଭୟଙ୍କର ଆକ୍ରୋଶ । 'ଆହ୍ୱାନ'ର ବିପ୍ଳବୀସ୍ୱର ଖୁବ୍ ତୀବ୍ରଥିଲା । ଇଂରେଜ ସରକାର ତାକୁ 'ବାଜ୍ୟାପ୍ତି' କରିଦେଲେ ।

ଦଳିତ, ପତିତ, ଲାଞ୍ଛିତ, ନିଦରବମାନଙ୍କ ପାଇଁ କୁନ୍ତଳାଙ୍କ ଦରଦୀ ହୃଦୟ କାନ୍ଦି ଉଠିଥିଲା । ସେମାନଙ୍କ ଦୁଃଖର କରୁଣ ରାଗିଣୀ ଝଙ୍କାର ତୋଳିଛି 'ସ୍ଫୁଲିଙ୍ଗ' କବିତା ସଂକଳନରେ । ତାଙ୍କ ମନୋବଳକୁ ଦୃଢ଼ କରିବାକୁ କବୀ ସତତ୍ ଚେଷ୍ଟିତା । ସାଧାରଣ ମଣିଷକୁ ସମାଜରେ ସର୍ବୋଚ୍ଚ ଆସନ ଦେବାକୁ ମଧ୍ୟ ଯତ୍ନଶୀଳା । ସେଇମାନଙ୍କ ଉଦ୍ଦେଶ୍ୟରେ ଲେଖିଲେ, "ଶୁଣହେ ମଣିଷ ଭାଇ / ଝୁରି ମରିବାକୁ / ଡରି ମରିବାକୁ, ମଣିଷ ଜନମି ନାହିଁ ।" କୁନ୍ତଳାଙ୍କ ମାତୃଭୂମି ଉତ୍କଳ ପ୍ରତି ଗଭୀର ଶ୍ରଦ୍ଧା, ଭକ୍ତି ଥିଲା । ସେ ପ୍ରାଚୀନ ଉତ୍କଳର ଗତ ଗୌରବ, ହୃତ ଗୌରବ, ମୃତ ଗୌରବକୁ ପୁନଃ ଜନମାନସରେ ଜାଗରିତ କରିବାକୁ ଉଦ୍ୟମ କରିଛନ୍ତି । ଇଂରେଜ ଶାସକଙ୍କ ଅଧୀନସ୍ଥ ଉତ୍କଳର ଦୁର୍ଦ୍ଦଶା ତାଙ୍କୁ ମ୍ରିୟମାଣ କରିଛି, ଯଥା- "ନବିଳସେ ଆଉ ଓଡ଼ିଆ ତରୀ / ଘନ ନୀଳ ନୀର ଚିଲିକା ଲହରୀ/ ଧଳାପାଗ ତୋଳି ସେ ତୋଳି / ନଆଣେ ରତନ ପାରାବାରେ / ଜାଭା ବାଲି ଲଙ୍କା ବୋର୍ଣ୍ଣିଓ ବିଜୟ/ ଭୁଲିତ ଗଲାଣି ଓଡ଼ିଆ ତୁମର / ହର୍ଷ ହୁଳହୁଳି ବନ୍ଦାପନା ଥାଳି / ନଦିଏ ସାଧବ ବୋହୂ ପରଶି ।" (ଅର୍ଚ୍ଚନା) । ଶୋଷକ ଶୋଷିତ ମଧ୍ୟରେ ବ୍ୟବଧାନ ସାମାଜିକ ବିଭ୍ରାଟ ସୃଷ୍ଟି କରେ । ସମାଜରେ ସମତା ଆଣିବାକୁ କବୀ ଲେଖନୀ ଚଳାଏ । ଏଥିରୁ ମଧ୍ୟ କୁନ୍ତଳା ବାଦ୍ ଯାଇ ନାହାନ୍ତି, ଲେଖିଛନ୍ତି, "ବୋଲାଉଚ ବାବୁ ବସି ଉଚ୍ଚ ଆସନରେ / ଲାଜ ଲୁଚାଇ କିନ୍ତୁ ମୋ ଦ□ ବସନରେ / ମୋ ଦରି ଅଶନ ପୁଣି ନିୟତ ଭୋକ / ତୁଙ୍ଗ ପ୍ରାସାଦରେ ତୁମ୍ଭେ, ତଳେ ମୋ ଦରବ ।" ତରୁଣ କୁଳକୁ ଜାଗ୍ରତ, ଉତିଷ୍ଠ କରିବା ପାଇଁ କବୀ ଆପଣାର ସ୍ଫୁଲିଙ୍ଗ କବିତା ସଙ୍କଳନକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । କ୍ଷୁଦ୍ର ଏହି ସ୍ଫୁଲିଙ୍ଗ କ୍ଷୁଦ୍ର ଅନଳ କଣିକା / କ୍ଷୀଣ ପ୍ରାଣ ନାହିଁ ସୂର୍ଯ୍ୟତେଜ ଶିଖା / ତରୁଣ ଉତ୍କଳ ସୁତଙ୍କର କମଳରେ/ ଅର୍ପିଲି ଆନନ୍ଦ ଶ୍ରଦ୍ଧା ସୁଧା ସ୍ନେହଭରେ/ ହେଉ ସେହି କ୍ଷୁଦ୍ର ହେଉ ଅତି ହୀନମାନ/ ଛୁଇଁବ ଯଦି ସେ ମୋର ଭ୍ରାତା ଭଗ୍ନୀ ପ୍ରାଣ / ଜାଳିବ ଯଦି ସେ ଚିତ୍ତେ ଦେଶପ୍ରେମ ବହ୍ନି / ସାର୍ଥକ ମଣିବି ସୁଖେ ଅୟସ ଲେଖନୀ ।"

କେବଳ କବିତାରେ ନୁହେ, ଗଦ୍ୟ ରଚନାରେ ବି କୁନ୍ତଳାଙ୍କର ସଂସ୍କାରବାଦୀ ତଥା ଜାତୀୟତାବାଦୀ ଚିନ୍ତନ ପ୍ରକଟିତ । ବାଲ୍ୟବିବାହ ବିରୋଧରେ ଏକ ତୀବ୍ର ପ୍ରତିବାଦ 'କାଳୀବୋହୂ' ଉପନ୍ୟାସ । ଔପନ୍ୟାସିକାଙ୍କ ଭାଷାରେ "ଧୂଳିଖେଳ ଭିତରେ ଯାହାର ଜୀବନ ଗତି କରୁଛି ସେ ସମାଜ ଓ ପାରିବାରିକ ବନ୍ଧନ ବିଷୟରେ ସଚେତନ ହେବ ବା କିପରି ?" କେବଳ ବାଲ୍ୟବିବାହର ବିରୋଧ ନୁହେଁ, ବିଧବା ବିବାହ ସପକ୍ଷରେ ବି ଯୁକ୍ତି ବାଢ଼ିଛନ୍ତି । ନଅତୁଣ୍ଡୀ ଉପନ୍ୟାସରେ କୁନ୍ତଳାଙ୍କ ଆଦର୍ଶ, ଜାତୀୟତାବୋଧ ପ୍ରକଟିତ । ଏଥିରେ ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ବାର୍ତ୍ତାଟିର ସଫଳ ରୂପାୟନ ଦେଖିବାକୁ ମିଳେ । ସମାଜର ତଥାକଥିତ ନିମ୍ନବର୍ଗର ମଣିଷଙ୍କ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି, "ହେଇତ ଦେଖ ଏ ଯେଉଁ ହାଡ଼ି, ପାଣ, କମାରକୁ ଆମେ ଛୋଟ ଜାତି କହୁଛେଁ, ତାଙ୍କୁ ଖାଲି ଛୁଇଁଲେ ମାରା ହୋଇ ଯାଉଛେ, ଭାବିଲା ବେଳକୁ ତାଙ୍କ କାମଟା କିଏ ତୁଲାନ୍ତା ? ଆମ ଏତେ ଉପକାରୀ ମଣିଷକୁ ଜାତି ପାଟକରୁ ଅଲଗା ରଖି ଛୁଆଁ ଛୁଆଁ ରଡ଼ି ଛାଡ଼ିଲେ ହେବ ? ଏଇଟା ବିଧାତା ସହିବଟି ?" କୁନ୍ତଳାଙ୍କ ଦିଲ୍ଲୀ ଚିଠି ଗୁଡ଼ିକରେ ଅନେକତ୍ର ଓଡ଼ିଆ ପୁଅର ଗରିୟାନ ଅତୀତ କଥା ଚିତ୍ରିତ । ତତ୍ ସହିତ ଅଖଣ୍ଡ ଉତ୍କଳ ଗଠନ ପାଇ ସେ ଦେଇଛନ୍ତି ଆହ୍ୱାନ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ ମଧ୍ୟ ବାର୍ତ୍ତା ଦେଇଛନ୍ତି । ସିଂହଭୂମି, ମେଦିନୀପୁର, ଜୟପୁର, ଫୁଲଝର, କାନ୍ଥି, ବସ୍ତର - ଏସବୁ ଖାଣ୍ଟି ଓଡ଼ିଆ ଅଞ୍ଚଳ ମିଶ୍ରଣରେ ବିଶାଳ ଓଡ଼ିଶା ଗଠନ ସମ୍ଭବ ହେବ - ଏହା ତାଙ୍କର ମତ ଥିଲା । ତାଙ୍କ ବକ୍ତବ୍ୟ ମଧ୍ୟ ଏ ଦିଗରେ ଅତି ସ୍ପଷ୍ଟ, 'ଓଡ଼ିଶା' ଶବ୍ଦ ଉଠାଇ 'ଅଙ୍ଗ କଳିଙ୍ଗ' ଲେଖିବାକୁ ପରାମର୍ଶ ଦେଇ ଲେଖିଛନ୍ତି, "ଅଙ୍ଗ ବଙ୍ଗ ତୈଲଙ୍ଗ ଆଗୋ/ ଉତ୍କଳର ତୂର୍ଯ୍ୟନାଦ ଶୁଣାଅ ସରାଗେ ।" ପ୍ରତିଟି ଜାତୀୟତାବାଦୀ ସାହିତ୍ୟିକ ସଦାସର୍ବଦା ଆଶାବାଦୀ । କୁନ୍ତଳା ମଧ୍ୟ ଆଶା ପୋଷଣ କରିଛନ୍ତି, ସେ ଦିନ ଶୀଘ୍ର ଆସିବ । ଉତ୍କଳ ଧନ, ଜନ, ଲକ୍ଷ୍ମୀର ଭଣ୍ଡାର ହେବ । ତାଙ୍କରି ଭାଷାରେ "ଆମେ କଳିଙ୍ଗର ବୀରଶ୍ରୀ ସନ୍ତାନ / ବୀରଶ୍ରୀ ଆମର ଜାତୀୟ ସମ୍ମାନ/ ବୀରଶ୍ରୀ ଜଗତେ ଆମ ଜୟ ଧ୍ୱଜା / ଭାରତର ପ୍ରତି ପ୍ରାନ୍ତେ ପାଉ ପୂଜା ।"

କୁନ୍ତଳା ଥିଲେ ସ୍ୱାଧୀନ ଚେତା, ନିର୍ଭୀକା । ସେ ଜାତୀୟତାବାଦୀ କବିତା, ଗଦ୍ୟ ରଚନା ମାଧ୍ୟମରେ ହଜାର ହଜାର ଦେଶପ୍ରେମୀ ସୃଷ୍ଟି କରି ଯାଇଛନ୍ତି । ଶାସନର ନାଲିଆଖି, ଲୋକକୁହାକୁ ଭ୍ରୂକ୍ଷେପ କରିନାହାନ୍ତି, ଶୁଣାଇଛନ୍ତି ଆପଣା ଅନ୍ତରକଥା । "କୋଇ ସୁନେ ଅଗର ନ ସୁନେ ଯେ ଗାନ୍ / କୋଇ କରେ ମାନ୍ ଅଥବା ଅପମାନ୍/ ମୁଝେ ଉସ୍ ମେ କ୍ୟା ହେଁ ମୈ ତୋ ମତବାଲି / ଭରିହୁଇ ଦିଲ୍‌କୀ ପାନୀ କରୁଁ ଖାଲି ।" ବାସ୍ତବିକ ସେ ଉତ୍କଳ ଭାରତୀ, 'ଓଡ଼ିଶାର ବୁଲ୍‌ବୁଲ୍' । ତାଙ୍କ ଜାତୀୟତାବାଦୀ କୀର୍ତ୍ତି କୃତିତ୍ୱ ପାଇଁ କେନ୍ଦ୍ରାପଡ଼ା କାହିଁକି ସାରା ଦେଶ ଧନ୍ୟ ନିଶ୍ଚୟ !

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**


ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)
(କ୍ରମଶଃ)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର
ନିଶ୍ଚେହେବ ପାରି (୧୭୭)
କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଛି
ସଦାତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)
ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)
(କ୍ରମଶଃ)

# ସଂସାରରେ ଜୀବ ଚେତନାର ସଞ୍ଚାର ହେଉଛନ୍ତି ଶିବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦



ଶିବ ଏକମାତ୍ର ଭଗବାନ ଯିଏ ଏ ସଂସାରକୁ ପରିଚାଳନା କରୁଛନ୍ତି । ଶିବଙ୍କ ମାଧ୍ୟମରୁ ଜ୍ଞାନ ବୈରାଗ ଭଳି ମୂଳ ଦିବ୍ୟ ସାଧନା ସମ୍ବନ୍ଧୀୟ ତଥ୍ୟ ମିଳିଥାଏ । ଭଗବାନ ଶିବଙ୍କୁ ମହାଦେବ ବୋଲି କୁହାଯାଏ । ସେ ଅନାଦି ପରମେଶ୍ୱର । ଭଗବାନ ଶିବ ହିଁ ସୃଷ୍ଟିର ଉତ୍ପତ୍ତି ଓ ଜଗତର ବିସ୍ତାର, ବିକାଶ ଓ ବ୍ରହ୍ମସ୍ୱରୂପ ସ୍ଥାପିତ କରିଛନ୍ତି । ଶିବଙ୍କୁ ସଂସାରରେ ଜୀବ ଚେତନାର ସଞ୍ଚାର କୁହାଯାଇଛି । ଭଗବାନ ଶିବ ଓ ଶକ୍ତି ସ୍ୱରୂପା ମା' ପାର୍ବତୀ ଏହି ଜଗତ ଓ ବ୍ରହ୍ମାଣ୍ଡରେ ବିଶେଷ ଭୂମିକା ନିର୍ବାହ କରୁଛନ୍ତି । ଶିବ ମହାପୁରାଣ ଅନୁସାରେ ଭଗବାନ ଶିବ ସ୍ୱୟଂ ବ୍ରହ୍ମାଙ୍କୁ ବେଦ ଜ୍ଞାନ ଦେଇଥିଲେ । ଦେବ ଦେବ ମହାଦେବ ସର୍ବଦା ଧ୍ୟାନରେ ଥାଆନ୍ତି କିନ୍ତୁ ତାଙ୍କର ପୂଜା ଉଭୟ ଶିବଲିଙ୍ଗ ଏବଂ ମୂର୍ତ୍ତିକୁ କରାଯାଇଥାଏ । ମହାଦେବଙ୍କ ଗଳାରେ ସର୍ବଦା ନାଗ ଦେବତା ବିଦ୍ୟମାନ ରୁହନ୍ତି ଏବଂ ହାତରେ ଡମ୍ବରୁ ଏବଂ ତ୍ରିଶୂଳ ଶୋଭା ପାଇଥାଏ । ମହାଦେବ ପରଂବ୍ରହ୍ମ ଅଟନ୍ତି । ପ୍ରାଚୀନ ବିଦ୍ୱାନ ମାନେ ମହାଦେବଙ୍କୁ ହିଁ ଭଗବାନ ବୋଲି ମାନିଥାନ୍ତି । କୈଳାସ ପର୍ବତରେ ସ୍ୱଇଚ୍ଛାରେ ବାସ କରୁଥିବା ମହାଦେବ ଦେବୀ ଶକ୍ତିଙ୍କୁ ସୃଷ୍ଟି କରିଥିଲେ । ଦେବୀ ଶକ୍ତିଙ୍କ ଜନ୍ମ ମହାଦେବଙ୍କ ଅଂଶରୁ ହିଁ ହୋଇଛି । ମହାଦେବ ନିଜ ଅଂଶରୁ ଦେବୀ ଶକ୍ତି ଅର୍ଥାତ ମାତା ପାର୍ବତୀଙ୍କ ସୃଷ୍ଟି କରିଥିଲେ । ମାତା ପାର୍ବତୀଙ୍କୁ ଦେବୀ ଶକ୍ତି ଏବଂ ମହାଦେବଙ୍କୁ ଅର୍ଦ୍ଧ ନାରୀଶ୍ୱରର ଆଖ୍ୟା ଦିଆଯାଇଛି । ଏ ଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ ତଥା ସୃଷ୍ଟିରେ ତ୍ରିଦେବଙ୍କ ମଧ୍ୟରୁ ଜଣେ ଦେବ ଅଟନ୍ତି ମହାଦେବ । ତାଙ୍କୁ ଦେବଙ୍କ ଦେବ ମହାଦେବ ବୋଲି ଆଖ୍ୟା ଦିଆଯାଇଛି । ଏହା ବ୍ୟତୀତ ମହାଦେବଙ୍କର ଆହୁରି ଅନେକ ନାମ ରହିଛି ଯଥା ନୀଳକଣ୍ଠ, ଭୋଳାନାଥ, ରୁଦ୍ର, ଶଙ୍କର,ମହେଶ ଇତ୍ୟାଦି । ତନ୍ତ୍ର ସାଧନାରେ ଭଗବାନ ଶିବଙ୍କୁ ଭୈରବ ନାଁରେ ବି ଜଣାଯାଏ । ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ଭଗବାନ ଶିବଜୀ ଜଣେ ଅଟନ୍ତି ବେଦରେ ତାଙ୍କୁ ରୁଦ୍ର ନାମରେ ଜଣାଯାଆନ୍ତି । ତନ୍ତ୍ର ସାଧନାରେ ମହାଦେବଙ୍କୁ ଭୈରବ ନାମରେ ସମସ୍ତେ ଜାଣିଛନ୍ତି । ହିନ୍ଦୁ ଧର୍ମରେ ଥିବା ପ୍ରମୁଖ ଦେବତା ଗଣଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି ମହାଦେବ । ବେଦରେ ତାଙ୍କୁ ରୁଦ୍ର ନାମରେ ନାମିତ କରାଯାଇଛି । ମହାଦେବ ମନୁଷ୍ୟର ଚେତନାର ଅନ୍ତର୍ଯ୍ୟାମୀ ଅଟନ୍ତି ଅର୍ଥାତ ସେ ମନୁଷ୍ୟର ମନର କଥାକୁ ସ୍ପଷ୍ଟ ଭାବରେ ପଢ଼ିପାରନ୍ତି । ଅଧ୍ୟାତ୍ମବାଦ ଅନୁସାରେ ଶିବ ତମାମ ଅବସ୍ଥା ଓ ବ୍ୟବସ୍ଥାକୁ ନିଜର ମାତ୍ର ଏକ ଅଂଶ ରୂପେ ଧାରଣ କରିଛନ୍ତି । ଭଗବାନ ଶିବ ମଣିଷର ଚେତନା ଅନ୍ତର୍ଯାମୀ ଅଟନ୍ତି ମାନେ ମଣିଷର ମନର କଥା ସେ ପଢିନିଅନ୍ତି । ତାଙ୍କର ସ୍ତ୍ରୀ ଦେବୀ ଶକ୍ତି ଅଟନ୍ତି ତାଙ୍କର ନାମ ପାର୍ବତୀ ଅଟେ । ଭଗବାନ ଶିବଙ୍କ ଦୁଇଟି ପୁତ୍ର କାର୍ତ୍ତିକ ଓ ଗଣେଷ ଅଟନ୍ତି ଓ ତାଙ୍କର ଏକ ପୁତ୍ରୀ ବି ଅଛନ୍ତି ଯାହାଙ୍କ ନାମ ଅଶୋକ ସୁନ୍ଦରୀ ଅଟେ । ଭଗବାନ ଶିବ ସମସ୍ତ ଦେବଙ୍କ ଭିତରେ ମହାଦେବ ଏବଂ ବୈଷ୍ଣବମାନଙ୍କ ମଧ୍ୟରେ ପ୍ରଥମ ବୈଷ୍ଣବ ଅଟନ୍ତି । ତ୍ୟାଗ ଓ ବୈରାଗ୍ୟର ପ୍ରତୀକ ଭଗବାନ ଅତି ସହଜରେ ପ୍ରାପ୍ତ ହେଇଯାଆନ୍ତି ତେଣୁ କେବଳ ମାନବ ନୁହଁ ସମସ୍ତ ଦାନ୍ଵମାନଙ୍କର ମଧ୍ୟ ସେ ଆରାଧ ଦେବତା । ଭଗବାନ ଶିବଙ୍କ ମହିମା ଅପାର ଅଟେ ତାଙ୍କ ବିନା ଇଚ୍ଛା ରେ ଏହି ଦୁନିଆଁରେ କୌଣସି ଲୋକ କୌଣସି ସତ୍କର୍ମର ଫଳ ପାଆନ୍ତି ନାହିଁ । ପୃଥିବୀର ଶ୍ରେଷ୍ଠ ଜୀବ ମନୁଷ୍ୟ, ପଶୁ ଏବଂ ଦେବତ୍ୱର ମଝି କଡ଼ି ଅଟେ. ପ୍ରୟତ୍ନଶୀଳତା ତା ଜୀବନରେ ପ୍ରକୃତ ସୁଖ, ଶାନ୍ତି, ବୈଭବ ସହିତ ଆତ୍ମିକ ଉନ୍ନତି ଆଣିବାରେ ସାହାଯ୍ୟ କରେ କିନ୍ତୁ ଅସଂଯମତା ଏବଂ ଭୋଗବିଳାସି ଚିନ୍ତାଧାରା ତା ଜୀବନରେ ପାପ, ଶ୍ୟାପ, ରୋଗ, ଦୁଃଖ, ଯନ୍ତ୍ରଣା ସହିତ ନିମ୍ନ ପଶୁ ଯୋନିକୁ ପ୍ରାପ୍ତ କରିବାରେ ସାହାଯ୍ୟ କରେ । ମଣିଷ ନିଜର ଅଜ୍ଞାନତା ଯୋଗୁଁ ଭୁଲ କରିଥାଏ । ପ୍ରତିଟି ଭୁଲ କାର୍ଯ୍ୟ ତାକୁ ଦଣ୍ଡିତ କରେ । ଏହା ସୃଷ୍ଟିର ବିଧାନ ଅନୁସାରେ ଭୁଲ ଜାଣତରେ ହେଉ କି ଅଜାଣତରେ ହେଉ ଭୁଲ ମାନେ ଭୁଲ ! ଦଣ୍ଡ ମିଳିବ ନିଶ୍ଚିତ । ବହୁତ ଲୋକ କଷ୍ଟ ପାଇଲେ ଈଶ୍ୱରଙ୍କୁ ଦାୟୀ କରନ୍ତି ନିଜ କର୍ମଫଳକୁ ନୁହେଁ । ଈଶ୍ୱର କେବେବି କାହାକୁ ଦଣ୍ଡିତ କରିବାର ଇଚ୍ଛା କରିନଥାନ୍ତି କେବଳ ସମସ୍ତଙ୍କ ପ୍ରତି ସମାନ ନ୍ୟାୟ କରିବାକୁ ଯାଇ ସେ ଏକ୍ୱିଧି ତିଆରି କରିଛନ୍ତି ତାହା ହେଲା 'କର୍ମ ଅନୁସାରେ ଫଳ ପ୍ରାପ୍ତି' । ଶାସ୍ତ୍ର ଅନୁସାରେ ଭଗବାନ ଶିବଙ୍କ ତେଜରୁ ପୁଞ୍ଜ ଜାଗୃତ ହୋଇଥିଲା ଯେଉଁଠାରୁ ଭଗବାନ ବିଷ୍ଣୁ ଉତ୍ପତ୍ତି ହୋଇଥିଲେ । ବିଷ୍ଣୁଙ୍କ ନାଭି କମଳରେ ବ୍ରହ୍ମାଙ୍କ ଉତ୍ପତ୍ତିର ଉଲ୍ଲେଖ ରହିଛି । ଭଗବାନ ଶିବଙ୍କ ପରମ ତେଜସ୍ୱୀ ବିନ୍ଦୁ ନିଜ ଗତିରେ ସାରା ବ୍ରହ୍ମାଣ୍ଡର ଜୀବାତ୍ମାକୁ ପ୍ରକାଶିତ କରିଥାଏ । ଏହିସବୁ ଜୀବାତ୍ମା ଶିବଙ୍କ ସେହି ରୂପ ଦର୍ଶନ ଓ ଅନୁଭବ କରନ୍ତି । ଶିବ ହିଁ ସଂସାରରେ ଜନଜୀବନ ଚେତନା ସଞ୍ଚାର କରନ୍ତି । ବ୍ରହ୍ମା ସୃଷ୍ଟିର ଉତ୍ପତ୍ତିକର୍ତ୍ତା । ସେହିଭଳି ଶିବ ପ୍ରଥମ, ବିଷ୍ଣୁ ଦ୍ୱିତୀୟ ଓ ବ୍ରହ୍ମା ତୃତୀୟ ସ୍ଥାନରେ ଅଛନ୍ତି । କିନ୍ତୁ ସାଂସାରିକ ମାନ୍ୟତା ଅନୁସାରେ ବ୍ରହ୍ମାଙ୍କୁ ପ୍ରଥମ, ବିଷ୍ଣୁଙ୍କୁ ଦ୍ୱିତୀୟ ଓ ଶିବଙ୍କୁ ତୃତୀୟ ତଥା ପ୍ରଳୟଙ୍କରୀ ରୂପରେ ସମସ୍ତେ ଜାଣିଛନ୍ତି । ଥରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ପରସ୍ପରଙ୍କୁ ସୃଷ୍ଟି କର୍ତ୍ତାର ଆଖ୍ୟା ଦେଉଥିଲେ । ଭଗବାନ ବ୍ରହ୍ମା ବିଷ୍ଣୁଙ୍କୁ କହିଲେ ଯେ ତାଙ୍କ ଦ୍ୱାରା ବିଷ୍ଣୁଙ୍କ ଉତ୍ପତ୍ତି ହୋଇଛି ଏବଂ ବିଷ୍ଣୁ ଭଗବାନ ବ୍ରହ୍ମାଙ୍କୁ କହିଲେ ଯେ ତାଙ୍କ ନାଭି କମଳ ଦ୍ୱାରା ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଛି । ଉଭୟଙ୍କ କଳହ ଦେଖି ସ୍ୱୟଂ ଦେବ ଦେବ ମହାଦେବ କହିଲେ ଯେ ସେ ସୃଷ୍ଟିର କର୍ତ୍ତା ଅଟନ୍ତି ଏବଂ ସେ ତ୍ରିଦେବଙ୍କୁ ଉତ୍ପତ୍ତି କରିଛନ୍ତି ଏବଂ ତ୍ରିଦେବଙ୍କୁ ପରସ୍ପରଙ୍କ କାର୍ଯ୍ୟରେ ମଧ୍ୟ ଲିପ୍ତ କରିଛନ୍ତି ଏବଂ ସେ ତ୍ରିଦେବଙ୍କୁ ଜଗତର ଉତ୍ପତ୍ତି, ସ୍ଥିତି ରୂପୀ ଏବଂ ସଂହାର କାର୍ଯ୍ୟ ସମର୍ପଣ କରିଛନ୍ତି ଏବଂ ତାଙ୍କ ପାଞ୍ଚଟି ମୁଖରୁ ବାହାରିଥିବା ଶବ୍ଦ ମିଶିକରି ଗୋଟିଏ ଶବ୍ଦର ସୃଷ୍ଟି ହୋଇଛି ତାହା ହେଉଛି ଓଁ ଅର୍ଥାତ୍ ଏକ ମୁଖରୁ 'ଅ' କାର, ଦ୍ୱିତୀୟ ମୁଖରୁ 'ଉ' କାର, ତୃତୀୟ ମୁଖରୁ 'ମୁ' କାର, ଚତୁର୍ଥ ମୁଖରୁ 'ବିନ୍ଦୁ' ତଥା ପଞ୍ଚମ ମୁଖରୁ 'ନାଦ' ଶବ୍ଦ ପ୍ରକଟ ହୋଇଛି , ସେହି ପାଞ୍ଚଟି ଅବୟବ ଏକତ୍ରିତ ହୋଇ ' ଓଁ ' ହୋଇଛି । ଏହା ମୋର ମୂଳ ମନ୍ତ୍ର ଅଟେ ଏବଂ ଏହା ହିଁ ସମସ୍ତ ସୃଷ୍ଟିର ମୂଳତତ୍ତ୍ୱ ଅଟେ । ଉପରୋକ୍ତ ଶିବ ମହାପୁରାଣ ପ୍ରକରଣରୁ ଏହା ସିଦ୍ଧ ହେଉଅଛି ଯେ ଶଙ୍କରଙ୍କ ମା ଦେବୀ ଦୁର୍ଗା ଅଟନ୍ତି , ତଥା ଶିବଙ୍କ ବାପା ସଦାଶିବ ଅର୍ଥ କାଳ ବ୍ରହ୍ମ ଅଟନ୍ତି । ଶିବ ଏକମାତ୍ର ପରମ ଅଘୋରୀ ଯାହାଙ୍କ ମାଧ୍ୟମରେ ସଂସାରର ସମସ୍ତ ଦିବ୍ୟ ଶକ୍ତି, କ୍ରିୟା ଓ ପ୍ରାକୃତିକ ଦୃଷ୍ଟିକୋଣ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ଶିବ ହିଁ ପରମ ଗୁରୁ । ତାଙ୍କ କୃପାରୁ ଆମକୁ ଜୀବନକୁ ସୁନ୍ଦର ଭାବେ ଗଢିତୋଳିବା କଳା, ବର୍ତ୍ତମାନ ସହ ସଂଘର୍ଷ କରି ସମସ୍ତ ବ୍ୟାଧି ଉପରେ ନିୟନ୍ତ୍ରଣ କରି ଜୀବନ ଯାତ୍ରାକୁ ବିଜୟୀ କରିବାକୁ ଜ୍ଞାନ ମିଳିଥାଏ । ଏଥିରୁ ଜଣା ପଡେ ଯେ ସଦାଶିବ ହେଉଛନ୍ତି ସମସ୍ତ ସୃଷ୍ଟିର ମୂଳ ଉତ୍ସ । ସତ୍ୟଂ-ଶିବଂ-ସୁନ୍ଦରମ୍ ଭଗବାନ ଶଙ୍କରଙ୍କର ଏହି ସୁନ୍ଦର ନାମ ବ୍ରହ୍ମଙ୍କର ସ୍ୱରୂପ ଲକ୍ଷଣ ସତ୍ୟମ୍-ଜ୍ଞାନମ୍-ଆନନ୍ଦମ୍ ପରମଂ ବ୍ରହ୍ମର ପ୍ରତୀକ ଅଟେ । ଉପାସକଙ୍କର ଦୃଷ୍ଟିରେ ଶଙ୍କରଙ୍କୁ ତମୋଗୁଣୀ ଦେବତା କୁହାଯାଏ । କାରଣ ଭଗବାନ ଶିବ ଏତେ ଦୟାଳୁ ଯେ ଯେଉଁ ଦୋଷ ଓ ଅପବିତ୍ରତା କାରଣରୁ ସାଧାରଣତଃ ତାଙ୍କୁ ଘୃଣା କରାଯାଏ ସେ ସେଥିପ୍ରତି ଧ୍ୟାନ ସୁଦ୍ଧା ଦିଅନ୍ତି ନାହିଁ ଆଉ ଭକ୍ତଙ୍କର ଟିକିଏ ମାତ୍ର ସେବା ଭାବରେ ତୃପ୍ତ ହୋଇ ତାଙ୍କୁ ଧର୍ମ-ଅର୍ଥ-କାମ-ମୋକ୍ଷ ସବୁକିଛି ପ୍ରଦାନ କରିଥାନ୍ତି । ସେ ସ୍ୱୟଂ ଏତେ ବିରକ୍ତ ଯେ ସମସ୍ତ ଦୃଶ୍ୟମାନ ବସ୍ତୁ ରାଜିକୁ ସେ ତୁଚ୍ଛ ମନେ କରିଥାନ୍ତି । ଏହି ସ୍ୱଭାବ କାରଣରୁ ସେ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରିଥିଲେ ଆଉ ସମୁଦ୍ରରୁ ଆବିର୍ଭାବ କୌଣସି ମୂଲ୍ୟବାନ ବସ୍ତୁ ପ୍ରାପ୍ତିର ଅଭିଳାଷା ରଖି ନଥିଲେ । ଏହି ସବୁ ଗୁଣ କାରଣରୁ ସେ ରାବଣ ତଥା ଭସ୍ମାସୁର ଆଦିଙ୍କୁ ମଧ୍ୟ ବିନା ବିଚାରରେ ଅନେକ ବର ପ୍ରଦାନ କରିଥିଲେ । ଭଗବାନ ଶଙ୍କର ଜ୍ଞାନ, ଯୋଗ, ବୈରାଗ୍ୟ ଭକ୍ତିର ଭଣ୍ଡାର ହିଁ ନୁହଁନ୍ତି ବରଂ ଆଗମ, ମନ୍ତ୍ର, ତନ୍ତ୍ର, ଯନ୍ତ୍ର, ନୃତ୍ୟ, ବାଦ୍ୟ, ସଙ୍ଗୀତ, ବ୍ୟାକରଣ ଆଦି ସମସ୍ତ କଳା ଓ ବିଦ୍ୟା ମାନଙ୍କର ଗୁରୁ ମଧ୍ୟ ଅଟନ୍ତି । ତାଙ୍କର ବାସ୍ତବିକ ସ୍ୱରୂପ ଅତ୍ୟନ୍ତ ସୋମ୍ୟ ଏବଂ ଶାନ୍ତି ଦାୟକ ଅଟେ । ତାଙ୍କର କ୍ରୋଧାନଳ ଲୀଳା ଜଗତର କଲ୍ୟାଣ ନିମିତ୍ତ ହିଁ ସମୟେ ସମୟେ ପ୍ରକଟିତ ହୋଇଥାଏ । ଯେଭଳି କାମଦେବଙ୍କର ସଂହାର ଏବଂ ପ୍ରଳୟ ଓ ମହାପ୍ରଳୟ । ଏଥିପାଇଁ ଶଙ୍କରଙ୍କର ରୂପ ମଧ୍ୟ ଦୁଇ ପ୍ରକାରର ଅଟେ । ଗୋଟିଏ ପଟେ ମସ୍ତକରେ ପତିତପାବନୀ ଗଙ୍ଗା ଏବଂ ଶୀତଳ ଚନ୍ଦ୍ରମା ଅନ୍ୟପଟେ ଗଳାରେ ଭୟଙ୍କର ସର୍ପ, ହସ୍ତରେ ତ୍ରିଶୂଳ ତଥା ବ୍ରହ୍ମରୂପୀ ଡମ୍ବରୁ ଶୋଭିତ । ଦେବୀ ପାର୍ବତୀଙ୍କର ବିବାହ ଅବସରରେ ମହାଦେବଙ୍କର ଭୟାନକ ଏବଂ ସୌମ୍ୟ ଉଭୟ ରୂପ ଦର୍ଶନ ହୋଇଥିଲା । ଶାସ୍ତ୍ରରେ ଯେଉଁଠି ବି ଈଶ୍ୱର ଅଥବା ଈଶ ଶବ୍ଦ କୌଣସି ବିଶେଷଣ ବିନା ବ୍ୟବହୃତ ହୋଇଛି, ତାହାର ଅର୍ଥ 'ଶଙ୍କର' ବୋଲି ବୁଝାଯାଇଥାଏ । ପୁରାଣରେ ଉଲ୍ଲେଖ ଅଛି ଯେ ବିଷ୍ଣୁ-କାର୍ଯ୍ୟ, ବ୍ରହ୍ମା-କ୍ରିୟା ଏବଂ ମହେଶ୍ୱର-କାରଣ ର ସୂଚକ ଅଟନ୍ତି କିନ୍ତୁ ବାସ୍ତବରେ ଏ ତିନିହେଁ ଏକ ଓ ଅଭିନ୍ନ ଅଟନ୍ତି । ଏଣୁ ପ୍ରତ୍ୟେକ ମଣିଷ ଦୈନିକ ଶିବଲିଙ୍ଗ ପୂଜାରେ କିଛି ସମୟ ନିଜକୁ ଭକ୍ତି ଭାବ ନେଇ ନିୟୋଜିତ କରି ପ୍ରଭୁ ଶିବଙ୍କର କୃପା ଲାଭ ପ୍ରାପ୍ତ କରି ମାନବ ଜନ୍ମକୁ ସାଫଲ୍ୟ କରିବା ଉଚିତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ସ୍କୁଲ୍ ପିଲାଙ୍କ ପରିବହନ ସୁରକ୍ଷା ନିଶ୍ଚିତ କରିବ କିଏ ?

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମାଳ ମାଳ ଗାଇଡ୍‌ଲାଇନ୍, ହେଲେ ତଦାରଖ କରିବାକୁ କେହି ନାହିଁ । କଟକଣା ମାନୁନାହାନ୍ତି ଗାଡ଼ି ଗ୍ରାହକ ଓ ମାଲିକ । ଏପଟେ ବିପଦରେ ଛାତ୍ରଛାତ୍ରୀଙ୍କ ଜୀବନ । ସ୍କୁଲ୍‌କୁ ଆସୁଥିବା ଓ ଘରକୁ ଫେରୁଥିବା ବେଳେ ଅଟୋ, ମ୍ୟାଜିକ୍ ଭଳି ଗାଡ଼ିରେ କରୁଛନ୍ତି ବିପଦପୂର୍ଣ୍ଣ ଯାତ୍ରା । କେଉଁଠି ଅଟୋରେ ଓଭରଲୋଡ୍ ତ ଆଉ କେଉଁଠି ଭ୍ୟାନ୍‌ରେ ଖୁନ୍ଦାଖୁନ୍ଦି କରି ଛୋଟ ଛୋଟ ପିଲାଙ୍କୁ ବିଦ୍ୟାଳୟ ନେବା ଆଣିବା କରାଯାଉଥିବା ଦେଖିବାକୁ ମିଳିଛି । ସହରରେ ଏହା ନିତିଦିନିଆ ଦୃଶ୍ୟ ହୋଇଥିଲେ ବି ପରିବହନ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗ ଏ ଦିଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଥିବା ଦେଖାଯାଉଛି । ଏଥିଯୋଗୁଁ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପରିବହନ ସୁରକ୍ଷା ନିୟମ ଅନୁପାଳନ କେମିତି ଚାଲିଛି ସ୍ପଷ୍ଟ ଅନୁମେୟ । ଗତ ବର୍ଷ ରାଜ୍ୟ ପରିବହନ ବିଭାଗ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ପରିବହନ ସୁରକ୍ଷାକୁ ଗୁରୁତ୍ୱ ଦେଇ ନୂଆ ନିୟମ ଜାରି କରିଥିଲେ । ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରାଯାଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ, ଆଞ୍ଚଳିକ ପରିବହନ ଅଫିସ୍ ଓ ଜିଲ୍ଲା ଶିକ୍ଷା ବିଭାଗକୁ କୁହାଯାଇଥିଲା । ଉକ୍ତ ନିୟମ ଅନୁସାରେ ଅଟୋ କିମ୍ବା ଛୋଟ ଗାଡ଼ିରେ ସ୍କୁଲ୍ ପିଲାଙ୍କୁ ନେବା ଆଣିବାକୁ ବାରଣ କରାଯାଇଥିଲା । କେବଳ ସ୍କୁଲ୍ ବସ୍ କିମ୍ବା ସ୍କୁଲ୍ ପର୍ମିଟ୍ ଥିବା ଗାଡ଼ିରେ ପିଲାଙ୍କ ଯାତାୟାତ ପାଇଁ ନିୟମ ରହିଛି । ସିଟ୍ ସଂଖ୍ୟା ଠାରୁ ଅଧିକ ପିଲା ନେବା ଆଣିବା, ଠିଆ ହୋଇ କିମ୍ବା ଗାଡ଼ିରେ ଓହଳି ପିଲା ଯାଉଥିଲେ, ସମ୍ପୃକ୍ତ ଗାଡ଼ିକୁ ତତ୍‌କ୍ଷଣାତ୍ ଜବତ କରାଯିବାକୁ ନିଷ୍ପତି ହୋଇଥିଲା । ବସ୍‌ର ଉଭୟ ସାମ୍ନା ଓ ପଛରେ ସ୍କୁଲ୍ ବସ୍ ଲେଖିବା, ସ୍କୁଲ୍ କର୍ତ୍ତୃପକ୍ଷଙ୍କ ନମ୍ବର, ୫ ବର୍ଷରୁ ଅଧିକ ଅଭିଜ୍ଞ ଚାଳକ ଓ କଣ୍ଡକ୍ଟର, ଫାଷ୍ଟଏଡ୍ ବକ୍ସ, ଅଗ୍ନି ନିର୍ବାପକ ଯନ୍ତ୍ର, ସ୍ପିଡ୍ ୫୦ କି.ମି. ପ୍ରତି ଘଣ୍ଟାରୁ କମ୍ ଭଳି ଅନେକ ନୂଆ ନିୟମ ରହିଥିଲା । ହେଲେ ବ୍ରହ୍ମପୁରରେ



ଏହି ନିୟମ ଅନୁପାଳନ ଠିକଣା ଢଙ୍ଗରେ ଚାଲିନଥିବା ପ୍ରତିଦିନ ଦେଖିବାକୁ ମିଳୁଛି । ବ୍ରହ୍ମପୁର ସହରରେ ୫୦ ପାଖାପାଖି ଘରୋଇ ଶିକ୍ଷାନୁଷ୍ଠାନ ରହିଛି । ଛାତ୍ରଛାତ୍ରୀ ସଂଖ୍ୟା ୨୦ ହଜାରରୁ ଅଧିକ ହେବ । ବହୁ ସଂଖ୍ୟାରେ ସ୍କୁଲ୍ ବସ୍ ଚଳାଚଳ କରୁଥିଲେ ମଧ୍ୟ ଏବେବି ଅଟୋ ଓ ଛୋଟ ଭ୍ୟାନ୍ ବିନା ସୁରକ୍ଷାରେ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଛନ୍ତି । ବିଶେଷ କରି ଅଟୋଗୁଡ଼ିକ ସାମୟିକ ଭାବେ ସ୍କୁଲ୍ ପରିବହନରେ ନିୟୋଜିତ ଥିବାବେଳେ ଅବଶିଷ୍ଟ ସମୟ ଯାତ୍ରୀ ପରିବହନ କରୁଥିବାରୁ ଚାରିପାଖରେ ସୁରକ୍ଷା ବଳୟ କରିବାରେ ପଛଘୁଞ୍ଚା ଦେଉଛନ୍ତି । ପିଲାଙ୍କୁ ବସାଇ ଦ୍ରୁତଗତିରେ ଚଳାଉଥିବା ଦେଖିବାକୁ ମିଳୁଛି । ସୁରକ୍ଷା ବଳୟ ନଥିବାରୁ ଦ୍ରୁତଗତି ପିଲାଙ୍କ ପାଇଁ ବିପଦ ଆଶଙ୍କା ସୃଷ୍ଟି କରୁଛି । ଅଟୋରେ କେତେକ ପିଲା ଚାଳକ ପାଖ ସିଟ୍‌ରେ ବସି ଯାଉଛନ୍ତି । ସିଟ୍ ସଂଖ୍ୟା ଠାରୁ ଅଧିକ ପିଲାଙ୍କୁ ପରିବହନ କରାଯାଉଛି । କେବଳ ଅଟୋ ନୁହେଁ, ସ୍କୁଲ୍ ପରିବହନ ବ୍ୟବସ୍ଥାରେ ନିୟୋଜିତ ମିନି ଭ୍ୟାନ୍ ଅବସ୍ଥା ବି ସମାନ୍ । ପଛପଟେ ତାର୍‌ପୋଲିନ୍ ପରଦା, ପାର୍ଶ୍ୱରେ ଖୋଲା ଡ଼ୋର୍ ବିପଦକୁ ନିମନ୍ତ୍ରଣ କଲା ଭଳି ମନେ ହେଉଛି । ଏ ବାବଦରେ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନଥିବା ବେଳେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଏହାକୁ ଗୁରୁତର ସହ ନେଇଛନ୍ତି । ସେ କହିଛନ୍ତି ପ୍ରତି ବର୍ଷ ପରିବହନ ବିଭାଗ ଓ ଶିକ୍ଷା ବିଭାଗ ମିଳିତ ଭାବେ କର୍ମଶାଳା କରି ଚାଳକଙ୍କୁ ନିୟମ ପାଳନ ନେଇ ସଚେତନ କରୁଛନ୍ତି । ଅଧିକ ତ୍ୱରାନ୍ୱିତ କରିବାକୁ ଏନ୍‌ଫୋର୍ସମେଣ୍ଟ ପାଇଁ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

# ଲୋକଙ୍କ କାମରେ ଲାଗୁନି ଯାତ୍ରୀ ପ୍ରତୀକ୍ଷାଳୟ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ମୁଣ୍ଡାପଡା ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ଯାତ୍ରୀଙ୍କ କାମରେ ଲାଗୁନଥିବା ଅଭିଯୋଗ ହୋଇଛି । ୨୦୨୩-୨୪ରେ ଲକ୍ଷ୍ମୀ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଯାତ୍ରୀ ପ୍ରତୀକ୍ଷାଳୟ ଅବ୍ୟବହୃତ ହୋଇ ପଡ଼ିରହିଛି । ପ୍ରତୀକ୍ଷାଳୟରେ ଯାତ୍ରୀ ବସ୍‌କୁ ଅପେକ୍ଷା କଲେ କେତେବେଳେ ବସ୍ ଆସିଲା ଓ ଛାଡ଼ିଲା ତାହା ଜଣାପଡୁନଥିବାରୁ କେହି ସେଠାରେ ବସି ବସ୍‌କୁ ଅପେକ୍ଷା କରୁନାହାନ୍ତି । ବର୍ତ୍ତମାନ ଯାତ୍ରୀ ପ୍ରତୀକ୍ଷାଳୟଟି ଡଷ୍ଟବିନ୍‌ରେ ପରିଣତ ହେଲାଣି । ମୁଣ୍ଡାପଡା ବସ୍‌ଷ୍ଟପ୍ ନିକଟରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲେ ଯାତ୍ରୀ ଉପକୃତ ହୋଇ ପାରିଥାନ୍ତେ । ଏହି ବସ୍‌ଷ୍ଟପ ଉପରେ ମୁଣ୍ଡାପଡା ଓ ବ୍ରାହ୍ମଣୀପାଲି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି । ବସ୍‌ଷ୍ଟପ୍‌ରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଯାତ୍ରୀ ପ୍ରତୀକ୍ଷାଳୟରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା ଓ ଶୌଚାଳୟ ପାଇଁ ଅଟକଳ ଥିବା ବେଳେ ଏହାର ସୁବିଧା ନଥିବାରୁ ବିଶେଷ କରି ମହିଳା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ବୁଲା କୁକୁର ଓ ମଦ୍ୟପଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ଆବିଷ୍କାର ଯୋଜନା କ୍ରମରେ ଝୋଟେଶ୍ୱର ନୋଡାଲ୍ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ଚାଟେଶ୍ୱର ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସରିଫା ବେଗମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଆରସିସି ଦୀପକ କୁମାର ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ବିମଳ କୁମାର ବେଉରା, ଧୀରେନ୍ଦ୍ର କୁମାର ସିଂ, ନୃସିଂହ ଚରଣ ମହାରଣା, ପରିଚାଳନା କମିଟି ସଭାପତି ଫାତିମା ବିବି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକୋତ୍ସବ ସହିତ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟତ୍ରୀ ତପସ୍ୱିନୀ ମହାପାତ୍ର ଓ ସୌଦାମିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପେନ୍‌ସନ୍ ଭୋଗୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପେନ୍‌ସନ୍ ଭୋଗି କର୍ମଚାରୀ ମାନଙ୍କ ବୈଠକ ସଭାପତି ଡ଼ଃ ଉପନ୍ଦ୍ରେ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ ପଲେଇ ଅଭିଭାଷଣ ପ୍ରଦାନ କରିବା ସହିତ ବ୍ୟାଙ୍କ ତରଫରୁ ବରିଷ୍ଠ ନାଗରିକ ତଥା ପେନ୍‌ସନ୍ ଭୋଗି କର୍ମଚାରୀ ମାନଙ୍କର ସମସ୍ୟା ଓ ତାହାର ସମାଧାନ କରିବା ସମ୍ପର୍କରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କରୁଣାକର ଦାସ, ବୈଷ୍ଣବ ସ୍ୱାଇଁ, ଅଜୟ ସାମଲ ସମୂହ କର୍ମଚାରୀ ମାନଙ୍କର ସମସ୍ୟା ଓ ତାହାର ବିହିତ ସମାଧାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ବୈଠକରେ ବରିଷ୍ଠ ପେନ୍‌ସନ୍ ଭୋଗୀ, ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରହସନ ପାଲଟିଛି ବାଲୁକା ଅଞ୍ଚଳ ସୁରକ୍ଷା ସଭା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଖଣି ବିଭାଗ ପକ୍ଷରୁ ବାଲି ଚୋରି ପ୍ରବଣ ଅଞ୍ଚଳ ବାଲୁକା ଅଞ୍ଚଳ ସୁରକ୍ଷା ସଚେତନତା ସଭା ପ୍ରହସନରେ ପରିଣତ ହୋଇଛି । ଏହି ସଭାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଯୋଗ ଦେଇନଥିଲେ । ଲଘୁ ଖଣିଜ ବିଭାଗ ଏହି ସଚେତନ ସଭାକୁ ବାଲି ମାଫିଆମାନଙ୍କ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇଥିଲା । ଅଞ୍ଚଳର ବାଲିମାଫିଆଙ୍କ ସହ ସଦାସର୍ବଦା ଯୋଗସୂତ୍ର ରଖୁଥିବା ଲଘୁଖଣିଜ ବିଭାଗର କେତେକ କର୍ମଚାରୀମାନେ ସଭାକୁ ନାମମାତ୍ର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମ ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତର ମାନଲାପୁର ସ୍ଥିତ ବାଲିଯାତ୍ରା ପଡିଆରେ ଏହି ସଚେତନତା ସଭାରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ନାରାୟଣ ଦାସଙ୍କ ସଂଯୋଜନାରେ ଧାମନଗର ଅତିରିକ୍ତ ତହସିଲଦାର ସାଇ ଶିଲୋନା, ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ ଦାଶ, ଲଘୁ ଖଣିଜ ଅଧିକାରୀ ଅନିଲ କୁମାର ଦାସ, ଧାମନଗର ବନବିଭାଗ କର୍ମଚାରୀ ରେବତୀ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ମିନା ମାଝୀ, ପୂର୍ବତନ ସରପଞ୍ଚ ଶରତ ମାଝୀ, ପୂର୍ବତନ ସମିତି ସଭ୍ୟ ରମେଶ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବାଲି ଚୋରିକୁ ବିରୋଧ କରିବା ଓ ଅଧିକାରୀମାନଙ୍କୁ ସୂଚନା ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ । ପ୍ରଶାସନ ପକ୍ଷରୁ ଏଥିନେଇ ସୂଚନା ଫଳକ ଲଗାଯାଇଥିଲା । ଆନ୍ତରିକତା ଅଭାବ ଥିବା ଏଭଳି ସଭାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ କଡା ସମାଲୋଚନା କରାଯାଇଛି । ପ୍ରକାଶ ଥାଉକି ଆନନ୍ଦପୁର ଅଞ୍ଚଳର ବୈତରଣୀ ନଦୀରୁ ବିଭିନ୍ନ ବେଆଇନ୍ ଘାଟ କରାଯାଇ ଉକ୍ତ ଅଞ୍ଚଳର ବାଲି ମାଫିଆମାନେ ଅହରହ ବାଲି ଚୋରୀ କରୁଛନ୍ତି । ତେବେ ସେହିମାନଙ୍କୁ ନେଇ ଖଣି ବିଭାଗ ସଚେତନ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା । ଯେପରି ଖଣି ବିଭାଗ ଓ ବାଲି ମାଫିଆଙ୍କ ବନ୍ଧୁ ମିଳନ ପରି ସଭାଟି ଦେଖାଯାଉଥିଲା । ପ୍ରଚାର ପ୍ରସାର କରାଯାଇନଥିବାରୁ ସେପରି ଲୋକ ଆସିନଥଲେ ।

## ସ୍ୱାସ୍ଥ୍ୟବନ୍ଧୁ କାର୍ଯ୍ୟକ୍ରମ ପାଇଁ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାଶିବରାତ୍ରି ଦିନ ପ୍ରଭୁ ଗୋଷ୍ଣେଶ୍ୱର ମହାଦେବଙ୍କ ପୀଠ ଗୋପିନାଥପୁର ଶାସନରେ ସ୍ୱାସ୍ଥ୍ୟ ବନ୍ଧୁ କାର୍ଯ୍ୟକ୍ରମ ୨୬ ତାରିଖରେ ଅନୁଷ୍ଠିତ ହେବ । ଡାକ୍ତର ଲୋକନାଥ ସାହୁ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିବେ । ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାଗଣାରେ ମେଡିସିନ୍ ବିତରଣ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଭାଗ ନେଇଥିବା ବ୍ୟକ୍ତିମାନେ ହେଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ତପନ କୁମାର ନାଥ, ହିମାଂଶୁ ସ୍ୱାଇଁ, ଇନ୍ଦ୍ରମଣି ନାଏକ, ଶୁଭମ୍ ଦାଶ, ପ୍ରଭଞ୍ଜନ ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ରଞ୍ଜନ ଦାଶ, ଅଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ସାଇଶ୍ରୀ ମହାପାତ୍ର ଓ ରାଜଶ୍ରୀ ଦାଶ ।

## ବଲାଙ୍ଗିରରେ ଆରମ୍ଭ ହେଲା ସୁଭଦ୍ରା ଶକ୍ତି ମେଳା : ୧୫୦ ଷ୍ଟଲ୍

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ସଦର ମହକୁମା ସ୍ଥିତ କୋଶଳ କଳା ମଣ୍ଡଳ ପଡିଆରେ ଆରମ୍ଭ ହୋଇଛି ସୁଭଦ୍ରା ଶକ୍ତି ମେଳା । ଜିଲ୍ଲାପାଳ ଗୌର ଶୀୱାଜୀ ଇସଲାର ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ସାତ ଦିନ ବ୍ୟାପି ହେବାକୁ ଥିବା ଏହି ମେଳାରେ ୧୫୦ ଷ୍ଟଲ୍‌ରେ ରାଜ୍ୟସାରା ବିଭିନ୍ନ ପ୍ରକାର ଦ୍ରବ୍ୟ ବିକ୍ରି ହେବ । ୨୮ ଫେବୃଆରୀ ଠାରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ କୋଶଳ କଳା ମଣ୍ଡଳ ପଡିଆରେ ସୁଭଦ୍ରା ଶକ୍ତି ମେଳା ୨୦୨୫ ଆୟୋଜିତ ହେଉଛି । ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ଏହି ଐତିହାସିକ ସୁଭଦ୍ରା ମେଳା । ଓଡ଼ିଶାର ମହିଳାମାନେ ବିକାଶର ପ୍ରତୀକ ହେବେ । ସାରା ବିଶ୍ୱ ପାଇଁ ଓଡ଼ିଶାର ମହିଳା ସଶକ୍ତିକରଣ ଉଦାହରଣ ହୋଇ ଝଲସିବ । ଏହି ମେଳାରେ ମୁଖ୍ୟ ଆକର୍ଷଣ ଭାବେ ଅଂଶଗ୍ରହଣ କରିବେ





ଜିଲ୍ଲା ଏବଂ ଜିଲ୍ଲା ବାହାରରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ମହିଳା । ସ୍ୱୟଂ ସହାୟକ ଗୋଷ୍ଠୀ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ । ମହିଳା ଉଦ୍ୟୋଗୀ ମାନଙ୍କ ଦ୍ୱାରା ପରିଚାଳିତ ୧୫୦ରୁ ଅଧିକ ଷ୍ଟଲ୍ ଏହି ୭ ଦିନିଆ ଭବ୍ୟ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସହିତ ଅର୍ଗାନିକ୍ ଉତ୍ପାଦମାନ ପ୍ରଦର୍ଶିତ ହେବ, ଏତଦ୍‌ବ୍ୟତୀତ ମିଶନ୍ ଶକ୍ତି ଏସ୍.ଏଚ୍.ଜି ମାନଙ୍କ ଦ୍ୱାରା ପ୍ରସ୍ତୁତ ୨୦୦ରୁ ଅଧିକ ସାମଗ୍ରୀର ଅପୂର ସମ୍ଭାର ଦେଖିବାକୁ ମିଳିବ । ହାତପାହାନ୍ତାରେ ମିଳିବ ହସ୍ତଶିଳ୍ପ ଓ କଳାକୃତି, ମିଲେଟ୍ ଓ ଅର୍ଗାନିକ୍ ଉତ୍ପାଦ ବହୁବିଧ ପଦାର୍ଥ ହସ୍ତତନ୍ତ ଓ ବୟନ ଶିଳ୍ପ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା, ବାଉଁଶ ଶିଳ୍ପ, ଘରକରଣା ଓ ପ୍ରାକୃତିକ ଉତ୍ପାଦ ସହିତ ଆସବାବପତ୍ର, ସ୍ୱାସ୍ଥ୍ୟ ଓ ଲେନେସର ବିଭିନ୍ନ ଉପାଦେୟ ପଦାର୍ଥ ଓଡ଼ିଆ ଅସ୍ମିତାର ସ୍ୱାଭିମାନ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ନୃତ୍ୟକଳା କଥକ ସହିତ ମେଲୋଡି ନାଇଟ୍‌ର ଆୟୋଜନ ହୋଇଛି । ଅତିଥିମାନଙ୍କ ମନୋରଞ୍ଜନ ସହିତ ବଡ ସ୍ତରରେ ନିଜର ଉତ୍ପାଦ ପ୍ରଦର୍ଶନ କରି, ଏସ୍‌ଏଚ୍‌ଜିଗୁଡ଼ିକ ଲୋକଲୋଚନକୁ ଆସିବା ସହ ଦୀର୍ଘମିଆଦୀ ବଜାର ସଂଯୋଗ ସୃଷ୍ଟି କରିବାରେ ଏହି ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ମେଳା ମହିଳା ମାନଙ୍କର ଆୟ ବୃଦ୍ଧି କରିବା ସହ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସ୍ୱାଧୀନତା ଓ ମହିଳା ସଶକ୍ତିକରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଲକ୍ଷପତି ଦିଦି ସୃଷ୍ଟି କରିବାର ସ୍ୱପ୍ନ ସାକାର କରିବ । ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳପିଣ୍ଡ ହେବ ମହିଳା ସଶକ୍ତିକରଣ । ଏହି ମେଳାରେ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଓର୍ମାସ୍ ସିଇଓ କମଳେନ୍ଦୁ ପଲ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ସଂସଦଙ୍କ ପ୍ରତିନିଧି ଦୀନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଭାତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କଲେଜ ରୋଡ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଶିଶୁ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ବିଜ୍ଞାନ ନାଟକ, ବିଜ୍ଞାନ ପ୍ରଶ୍ନମଞ୍ଚ, ବୈଜ୍ଞାନିକମାନଙ୍କ ଜୀବନୀ କଥନ, ବିଜ୍ଞାନ ପ୍ରୟୋଗ ଓ ସ୍ୱଳ୍ପ ମୂଲ୍ୟ ବା ବିନା ମୂଲ୍ୟର ଉପକରଣ ପ୍ରଦର୍ଶନ ଏବଂ ଶେଷରେ ପ୍ରାଚୀର ପତ୍ର ଉନ୍ମୋଚନ ହୋଇଥିଲା । ଶିଶୁ ବାଟିକା ବିଭାଗର ଶିଶୁ ମାନଙ୍କ ଦ୍ୱାରା ଭାରତୀୟ ବୈଜ୍ଞାନିକ ମାନଙ୍କ ଫଟୋ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ



ସୁଶୀଲ କୁମାର ନାୟକ ଯୋଗଦେଇ ଏହି ଦିବସ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସଂଗେ ସଂଗେ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ଭାଗୀରଥି ଗିରିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସଂଗେ ଛାତ୍ର ଓ ଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ ।



# ପଞ୍ଚତତ୍ତ୍ୱର ସଫଳତାରେ ସହର ଗୌରବାନ୍ୱିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସହରର ଅନ୍ୟତମ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚତତ୍ତ୍ୱ ଗତ ଫେବୃଆରୀ ମାସ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ବିହାରର ବରିଆରପୁର ଠାରେ ଆୟୋଜିତ ହୋଇଥିବା ଅନ୍ତଃର୍ଜାତୀୟ ସାଂସ୍କୃତିକ ମହୋତ୍ସବ ଅଙ୍ଗ ନାଟ୍ୟ ଯଜ୍ଞର ୨୫ ତମ ବାର୍ଷିକୋତ୍ସବରେ ସଫଳତା ହାସଲ କରି ସହରକୁ ଗୌରବାନ୍ୱିତ କରିଛନ୍ତି । ଏନେଇ ସେକ୍ଟର ୧ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଞ୍ଚତତ୍ତ୍ୱର ନିର୍ଦ୍ଦେଶକ ନିହାର ରଞ୍ଜନ ମିଶ୍ର ଓ ସମ୍ପାଦକ ଜନ୍ମେଞ୍ଜୟ ମହାନ୍ତି ତଥା ଅନ୍ୟମାନେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଏହି ସାଂସ୍କୃତିକ ମହୋତ୍ସବରେ ଅଷ୍ଟ୍ରିଆ, ଶ୍ରୀଲଙ୍କା, ନେପାଳ ସମେତ ଦେଶର ବିଭିନ୍ନ ସ୍ଥାନରୁ ୧୮ଟି ଦଳ ଅଂଶଗ୍ରହଣ କରି ନାଟକ ପ୍ରଦର୍ଶନ କରିଥିଲେ । ଏଥିରେ ରାଉରକେଲାର ପଞ୍ଚତତ୍ତ୍ୱ ତରଫରୁ ନିହାର ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ହାସ୍ୟରସ ନାଟକ ନାରୀର ମୁହଁ ସବୁ ଓ ପଥପ୍ରାନ୍ତ ନୁକ୍କଡ ନାଟକ ମାଙ୍କଡ ତାମସା ପ୍ରଦର୍ଶିତ ହୋଇଥିଲା । ସାମାଜିକ ବ୍ୟବସ୍ଥାକୁ ନେଇ ନାଟକ ନାରୀର ମୁହଁ ସବୁର ବିଷୟ ବସ୍ତୁ ହେଲା ଯେବେଠାରୁ ସୃଷ୍ଟି ଆରମ୍ଭ ହୋଇଛି ସେବେଠାରୁ ପୁରୁଷକୁ ପ୍ରଥମ ଓ ନାରୀକୁ ଦ୍ୱିତୀୟ ସ୍ଥାନରେ ରଖିଛି । ନାରୀ ମଧ୍ୟ ଉତ୍ସର୍ଗୀକୃତ ମନୋଭାବ ଦ୍ୱାରା ଏହାକୁ ସ୍ୱୀକାର କରିନେଇଛି । ହେଲେ ନାରୀକୁ ଉପଯୁକ୍ତ ସମ୍ମାନ ମିଳିପାରିଲେ ସମାଜର ଉନ୍ନତି ସମ୍ଭବ, ଏଭଳି ବିଷୟବସ୍ତୁ ନେଇ ନାଟକ ପ୍ରଦର୍ଶିତ ହୋଇଥିଲା । ନାଟକଟି ଚତୁର୍ଥ ସ୍ଥାନ ଅଧିକାର କରିଥିବାବେଳେ ଦୁଇଟି ବିଭାଗରେ ପୁରସ୍କୃତ ହୋଇଥିଲା । ମାଙ୍କଡ ତାମସାରେ ଅନୁଷ୍ଠାନ ଶ୍ରେଷ୍ଠ ନାୟକ, ଶ୍ରେଷ୍ଠ ନାୟିକା, ଶ୍ରେଷ୍ଠ ଖଳନାୟକ, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ପ୍ରଯୋଜନା ଓ ଶ୍ରେଷ୍ଠ ଲେଖକ ପୁରସ୍କାର ହାତେଇବାରେ ସକ୍ଷମ ହୋଇଥିଲା । ଏହି ନାଟକରେ ସଂଗୀତକୁ ରତିକାନ୍ତ ଗୌଡ ଓ ରୋନିତ ଶିଖା, ସହଯୋଗରେ ସୁଜାତା ସାମଲ, ସୁଦେଷ୍ଣାରାଣୀ ରାଉତ, ଶ୍ରଦ୍ଧାଞ୍ଜଳି ଦାସ ଓ ଅଭିନୟରେ ଜନ୍ମେଞ୍ଜୟ ମହାନ୍ତି, ସ୍ମାରକ ଅନୁରାଗ ବାରିକ, ଆନନ୍ଦ ବାଗ୍, ଐଶ୍ୱର୍ଯ୍ୟା ମହାନ୍ତି, ଶୁଭସ୍ମିତା ମହାନ୍ତି, କେ ପି ଶୁଭମ୍, ସାନିଆ ସାହୁ, ସାଇଚନ୍ଦନ ପ୍ରଧାନ, ତ୍ରିବିକ୍ରମ ତ୍ରିପାଠୀ, ସ୍ୱାଭିମାନ ଭୋଇନା, ପ୍ରେମ ନାଗ୍, ଶ୍ରୀକାନ୍ତ ନନ୍ଦ, ଫୁଲ ମୁର୍ମୁ, ବନ୍ଦନା ନାୟକ, ଦିବ୍ୟାଂଶୁ ସାହୁ, ଅମିଶା ମିଶ୍ର, ରୁଦ୍ରଦେବ ମିଶ୍ର, ଓମ୍ ପାତ୍ର, ସ୍ୱରୁପ ବେହୁରା ପ୍ରମୁଖ ଅଭିନୟ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ଓ ସମ୍ପାଦକଙ୍କ ସହ ସମସ୍ତ ଅଭିନେତା ଅଭିନେତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୦ ବର୍ଷର ସୋନପୁର କଲେଜର ଗତି କୁଆଡ଼େ ?

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଗଠନର ୩୧ ବର୍ଷ ବିତିଛି କିନ୍ତୁ ଜିଲ୍ଲାର ସର୍ବ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜ ଅବହେଳିତ ହୋଇ ରହିଛି । ସୋନପୁରର ପ୍ରବାହିତ ମହାନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସ୍ଥାନରେ ୧୯୬୪ ମସିହାରେ ସୋନପୁର କଲେଜ ସ୍ଥାପିତ ହୋଇଥିଲା । ୧୦ ଏକର ୪୬୭ ଡ଼ିସିମିଲ୍ ସ୍ଥାନରେ ଏହି କଲେଜରେ ଅନେକ ସୁନାମଧନ୍ୟ ଛାତ୍ରଛାତ୍ରୀ ବାହାରିଛନ୍ତି । ପ୍ରାରମ୍ଭରେ ଉକ୍ତ କଲେଜ ପ୍ରତିଷ୍ଠା କରିବା ପାଇଁ ଅଧ୍ୟାପକମାନେ ବି ଶ୍ରମ ଦାନ କରିଥିଲେ । ଏହି ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷାଦାନ କରାଯାଇନାହିଁ ଏହାକୁ ମଣିଷ ତିଆରି କାରଖାନା ମଧ୍ୟ କୁହାଯାଇଥାଏ । ସତୁରୀ ଦଶକ ଶେଷ ସମୟରେ କଲେଜ ଅଧକ୍ଷ ଭାବରେ ପବିତ୍ର ମୋହନ ନାୟକ ଦାୟିତ୍ୱ ନେଇଥିଲେ । ସେହି ସମୟରେ ସୋନପୁର କଲେଜ କେବଳ ପଶ୍ଚିମ ଓଡ଼ିଶା ନୁହେଁ, ସାରା ଓଡ଼ିଶାରେ ଶିକ୍ଷାଦାନ ପ୍ରଶଂସନୀୟ ହୋଇଥିଲା । ଏବେ ଉକ୍ତ କଲେଜ ଗୌରବମୟ ଇତିହାସ ଧରି ଦଣ୍ଡାୟମାନ ହୋଇଛି କିନ୍ତୁ ସମସ୍ୟାରେ କ୍ଷତ ବିକ୍ଷତ ହୋଇଛି । ରାଜ୍ୟର ୪୮ଟି ସର୍ବପୁରାତନ ଅନୁଦାନ କଲେଜ ମଧ୍ୟରୁ ସୋନପୁର କଲେଜ ଅନ୍ୟତମ କିନ୍ତୁ ଏହି ଶିକ୍ଷାନୁଷ୍ଠାନ ସରକାରୀ ମାନ୍ୟତା ମିଳିପାରିନାହିଁ । ଆଶାତୀତ ଅନୁସାଙ୍ଗିକ ବିକାଶ ହୋଇପାରି ନଥିବାରୁ ସ୍ୱୟଂ ଶାସିତ କଲେଜ ଭାବରେ ସ୍ୱୀକୃତି ହୋଇପାରିନାହିଁ । ଅନ୍ୟ ସମସାମୟିକ କଲେଜ ଅନୁପାତରେ ଏହି ଶିକ୍ଷାନୁଷ୍ଠାନର ବିକାଶ ହୋଇପାରିଲାନାହିଁ ବୋଲି ଅଭିଯୋଗ ହୁଏ । ଏଥିପାଇଁ ଆବଶ୍ୟକ ପୃଷ୍ଠପୋଷକତାର ଅଭାବ ବୋଲି କୁହାଯାଇଥାଏ । ବର୍ତ୍ତମାନ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ୨୩୦୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଭିନ୍ନ ବର୍ଗର ୫୧ ଶିକ୍ଷକ ଅଧ୍ୟାପକ ପଦ ମଧ୍ୟରୁ ୮ ପଦ ଖାଲି ରହିଛି । ରାସାୟନିକ ବିଜ୍ଞାନ ବିଭାଗର ୨ ଅଧ୍ୟାପକ ପଦ ଖାଲି ରହିଥିବା ବେଳେ ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଜଣେ ଲେଖାଏଁ ଅଧ୍ୟାପକ ପଦ ଖାଲି ରହିଛି । ଓଡ଼ିଆ ବିଭାଗରେ ଗୋଟିଏ ଅଧ୍ୟାପକ ପଦ ଖାଲି ଅଛି । ଶିକ୍ଷା, ସଂସ୍କୃତି, ରାଜନୀତି ବିଜ୍ଞାନ ବିଭାଗରେ ଜଣେ ଲେଖାଏଁ ଅଧ୍ୟାପକ ପଦ ଖାଲି ପଡ଼ିଛି । ୩୪ଟି ଅଣ ଶିକ୍ଷକ କର୍ମଚାରୀ ପଦ ଆବଶ୍ୟକ ରହିଥିବା ବେଳେ





ମାତ୍ର ୫ଜଣ କାର୍ଯ୍ୟ କରୁଛନ୍ତି । ମୁଖ୍ୟ କିରାଣୀ, ହିସାବ ନିରୀକ୍ଷକ, କନିଷ୍ଠ କିରାଣୀ ତଥା ଟାଇପିଷ୍ଟ, କନିଷ୍ଠ ଲାଇବ୍ରେରିଆନ୍ ଓ ଷ୍ଟୋର୍ କିପର ଆଦି ପଦ ଖାଲି ରହିଛି । ୬ଟି ଲାବୋରେଟାରି ସହାୟକ ମଧ୍ୟରୁ ଜଣେ ଅଛନ୍ତି ମାଳି, ମହିଳା ସହାୟିକ, ସଫେଇ କର୍ମଚାରୀ, ପିଅନ, ଜଗୁଆଳି ଓ ଡେମୋନ୍‌ଷ୍ଟ୍ରେଟର୍ ଆଦି ପଦ ଖାଲି ଅଛି । ଛାତ୍ରଛାତ୍ରୀମାନେ ଡେଭ୍‌ଲପ୍‌ମେଣ୍ଟ ଫିସ୍ ନେଇ ବେସରକାରୀ ଅଧ୍ୟାପକ ଓ ଅଣ ଶିକ୍ଷକଙ୍କୁ ଦରମା ଦିଆଯାଉଛି । ତେଣୁ କଲେଜର ପାଣ୍ଠି ନିଅଣ୍ଟିଆ ରହୁଛି । ୧୨ ଶହରୁ ଊର୍ଦ୍ଧ୍ୱ ଛାତ୍ର ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଭଲ ଶୌଚାଳୟ କିମ୍ବା ସାଧାରଣ କମନ୍ ରୁମ୍ ନାହିଁ । ଏହି ପୁରାତନ କଲେଜରେ ସମ୍ମିଳନୀ କକ୍ଷ ନିର୍ମାଣ ହୋଇପାରିନାହିଁ । ଷ୍ଟାଫ୍ କଲୋନୀ ନାହିଁ । ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ୍ ସୁବିଧା ନାହିଁ । ଉଦ୍ଭିଦ ବିଜ୍ଞାନ ବିଭାଗର ବଗିଚା ପରିତ୍ୟକ୍ତ ଅବସ୍ଥା ପଡ଼ିଛି । ଖରାଦିନରେ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ପାନୀୟ ଜଳ କଷ୍ଟ ଭୋଗିବାକୁ ଦେଖିବାକୁ ମିଳୁଛି । ଲାଇବ୍ରେରୀ ହଲ୍‌ର ଛାତରୁ ପାଣି ଗଳିବାରୁ ମରାମତି କରାଯାଉଛି । ଅଶୀ ଦଶକ ସମୟରେ ନିର୍ମାଣ କରାଯାଇଥିବାର ଛାତ୍ରମାନଙ୍କ ହଷ୍ଟେଲ୍ ବର୍ତ୍ତମାନ ଭଗ୍ନ ଅବସ୍ଥା ହେଲାଣି । ପିଜି ଖୋଲିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଛି । ଗତ କିଛି ବର୍ଷ ହେଲା ଉଦ୍ଭିଦ ବିଜ୍ଞାନ ଓ କମ୍ପ୍ୟୁଟର ସାଇନ୍ସ ନୂତନ ଭାବରେ ଅନର୍ସ ଖୋଲିଛି । ପ୍ରାୟ ୧୨ ବର୍ଷ ପୂର୍ବେ ୟୁଜିସି ଗ୍ରାଣ୍ଟ ୬୪ ଲକ୍ଷ ଟଙ୍କା କ୍ରୀଡ଼ା ଟ୍ରେନିଂ ସୁବିଧା ପାଇଁ ଆସିଥିଲା ଯାହା ଖର୍ଚ୍ଚ ହୋଇନପାରି ଫେରି ଯାଇଥିଲା । ୨୦୧୭ ମସିହାରେ ନାକ୍ କମିଟି ଆବଶ୍ୟକ ଆନୁସାଙ୍ଗିକ ବିକାଶ ନହେବା ଯୋଗୁଁ ବି-ଗ୍ରେଡ୍ ଦେଇଥିଲା । ଏବେ ସୋନପୁର କଲେଜ ନାକ୍ କମିଟି ଆସିବା ନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ ହେଉଛି । ଉଚ୍ଚ ଶିକ୍ଷା ବିଭାଗକୁ ଲିଖିତ ଦାବି ଦେବା ପରେ ବିଭାଗୀୟ ତରଫରୁ ୭୪ ଲକ୍ଷ ୪୪ ହଜାର ଟଙ୍କା ଦିଆଯାଇଛି । ପ୍ରାଥମିକ ସ୍ତରରେ ୧୪ ଲକ୍ଷ ଟଙ୍କା ଆସିଛି । ଏହି ଅର୍ଥରେ ଆରଡ଼ି ବିଭାଗୀୟ ତରଫରୁ ଆବଶ୍ୟକ ୪ଟି ବଡ ହଲ୍ କରାଯିବ । ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସୋନପୁର କଲେଜ୍‌ରେ ପରୀକ୍ଷା ଓ ମୂଲ୍ୟାୟନର ହବ୍ ହେଉଛି । ବେସରକାରୀ ପିଜି ଓ ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱ ବିଦ୍ୟାଳୟ କେନ୍ଦ୍ର ଖୋଲାଯାଇଛି । ନୂତନ ଭାବରେ ଇ-ଭେଲୁୟସନ୍ କେନ୍ଦ୍ର ଆରମ୍ଭ ହୋଇଛି । ପୂର୍ବ ସରକାରଙ୍କ ୫ଟି ତରଫରୁ ଉକ୍ତ କଲେଜର ଯୁକ୍ତ ଦୁଇ ପାଇଁ ୫୦ ଲକ୍ଷ ଓ ଯୁକ୍ତ ତିନି ପାଇଁ ୧ କୋଟି ଅନୁଦାନ ନେଇ ବିକାଶ କାର୍ଯ୍ୟ ହୋଇଛି । କିନ୍ତୁ ସୋନପୁରରେ ଉଚ୍ଚ ଶିକ୍ଷା ପାଇଁ ବ୍ୟବସ୍ଥିତ କରାଯାଇଥିବାର ଟ୍ରଷ୍ଟ ଫଣ୍ଡ ଅର୍ଥ ସୋନପୁର କଲେଜରେ ଖର୍ଚ୍ଚ ହେଉନଥିବାର ଅଭିଯୋଗ ହେଉଛି । ଦିନେ ସୋନପୁର କଲେଜ ବଡ ଶିକ୍ଷାନୁଷ୍ଠାନ ଭାବରେ ଆତ୍ମପ୍ରକାଶ ପାଇବ ବୋଲି ଆଶା ପୋଷଣ ହେଉଥିଲା । କିନ୍ତୁ ସାମ୍ପ୍ରତିକ ସମୟରେ ୬୦ ବର୍ଷର ଉକ୍ତ ଶିକ୍ଷାନୁଷ୍ଠାନ ତାର ଅସ୍ତିତ୍ୱ ଖୋଜିବାକୁ ବାହାରିଲାଣି ବୋଲି ଅଭିଯୋଗ ହେଉଛି । ଏହି ସୋନପୁର କଲେଜର ଛାତ୍ରଛାତ୍ରୀମାନେ ପ୍ରଶାସକ, ରାଜନେତା, ଡାକ୍ତର, ବୈଜ୍ଞାନିକ, ଇଂଜିନିୟର, ଅଧ୍ୟାପକ ଆଦି ପ୍ରମୁଖ ପଦ ଅଧିକାରୀ ରହିଛନ୍ତି । ଏବେ ଉକ୍ତ ଶିକ୍ଷାନୁଷ୍ଠାନଙ୍କୁ ସବୁ ସ୍ତରର ଉନ୍ନତିକରଣ ନେଇ ଦୃଷ୍ଟି ଦେବାକୁ ଦାବି ହେଉଛି ।



# ଯୁବପୀଢ଼ି ଉଦ୍ୟୋଗୀ ହେବା ସହ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗିଦାର ହୁଅନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବହୁ କ୍ଷେତ୍ରରେ ଯୁବପୀଢ଼ି ନିଯୁକ୍ତିରେ ସ୍ଥିରତା ଦୃଷ୍ଟିରୁ ଚାକିରି କରିବା ଦିଗରେ ମନ ବଳାଇଥାନ୍ତି। କିନ୍ତୁ ଯେଉଁମାନେ ଚାକିରି ଊର୍ଦ୍ଧରେ ସ୍ୱପ୍ନ ଦେଖିବାକୁ ସାହସ କରନ୍ତି ସେମାନଙ୍କଠାରେ ବର୍ଦ୍ଧିତ ଅର୍ଥନୀତିର ପ୍ରକୃତ ଶକ୍ତି ରହିଥାଏ। ଏଣୁ ଯୁବପୀଢ଼ି ଚାକିରି ପଛରେ ନଗୋଡ଼ାଇ ଉଦ୍ୟୋଗୀ ହେବା ସହ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗିଦାର ହେବାକୁ ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। କଟକ ରାମଦସପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟଠାରେ ନବନିର୍ମିତ ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟର ଉଦଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ ଏହି ନବନିର୍ମିତ ପ୍ୟକେଜିଂ ୟୁନିଟ ଓଡ଼ିଶାର ଶିଳ୍ପ ଆତ୍ମନିର୍ଭରଶୀଳ ଯାତ୍ରାରେ ଏକ ମାଇଲଖୁଂଟ ସଦୃଶ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉଚ୍ଚ ମାନର ପ୍ୟାକେଜିଂ ସାମଗ୍ରୀ ଉତ୍ପାଦନ ପାଇଁ ଉତ୍ସର୍ଗୀକୃତ ଏହି ସୁବିଧା ଅନ୍ୟ ରାଜ୍ୟରୁ ଫ୍ଲେକ୍ସିବଲ ପ୍ୟାକେଜିଂ ସାମଗ୍ରୀ ଉପରେ ଓଡିଶାର ନିର୍ଭରଶୀଳତା ହ୍ରାସ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହା ବହୁରାଷ୍ଟ୍ରୀୟ କମ୍ପାନୀ ଗୁଡ଼ିକୁ ସେବା ଯୋଗାଇବା ଉପରେ ବିଶେଷ ଧ୍ୟାନ ଦେଇଛି।ଏହି ପ୍ରକଳ୍ପ କେବଳ ଶିଳ୍ପ ଇକୋସିଷ୍ଟମକୁ ମଜବୁତ୍ କରିବ ନାହିଁ ବରଂ ନିଯୁକ୍ତି ଏବଂ ନବ ସୃଜନ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦବ୍ୟତୀତ ରାଜ୍ୟପାଳ କହିଥିଲେ ଯେ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶା ସମ୍ଭାବନାରେ ପରିପୂର୍ଣ୍ଣ ଏବଂ ଯେଉଁମାନେ ଆଗକୁ ବଢ଼ିବାକୁ ସାହସ କରନ୍ତି ସେମାନଙ୍କ ପାଇଁ ଅସୀମ ସୁଯୋଗ ରହିଛି।ରାଜ୍ୟ ସରକାର ଉଦ୍ୟୋଗ ଓ ଶିଳ୍ପ ବିକାଶ ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି। ଏଣୁ ଆମର ଯୁବପୀଢ଼ିକୁ ଉଦ୍ୟୋଗୀ ହେବା ସହ ନବ ସୃଜନକୁ ଆପଣେଇବା, ସାହସୀ ପଦକ୍ଷେପ ନେବା ସହିତ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ କରିବା ନିମନ୍ତେ ଉତ୍ସାହିତ କରିବାକୁ ସମସ୍ତେ ଆଗେଇ ଆସିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟର ଦୁଇ ଜଣ ଉଦ୍ୟୋଗୀ ଶ୍ରୀକାନ୍ତ ଖଟୁଆ ଓ ପ୍ରୀତିଶ ସାହୁଙ୍କର ଉଲେଖନୀୟ ପଦକ୍ଷେପ, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା, ଅନୁକରଣୀୟ ନେତୃତ୍ୱ ଓ ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ଖୁସି ପ୍ରକଟ କରିବା ସହ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କର ଯାତ୍ରା ଓଡ଼ିଶାର ଯୁବପୀଢ଼ି ଓ ଉଦ୍ୟୋଗୀ ମାନଙ୍କୁ ଏକ ପ୍ରଭାବଶାଳୀ ବାର୍ତ୍ତା ପ୍ରଦାନ କରିବ ବୋଲି କହିଥିଲେ। ଯୁବପୀଢ଼ି ସଠିକ୍ ଦୃଷ୍ଟିକୋଣ, ଉତ୍ସର୍ଗୀକୃତ ମନୋଭାବ ଏବଂ ଆହ୍ୱାନକୁ ମୁକାବିଲା କରିବାର ସାହସ ନେଇ ଉଦ୍ୟୋଗୀ ହେବା ସହ 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଗଠନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଡ଼ଃ କମ୍ଭମପାଟି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଓଡିଶାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଏବଂ ଏମ ଏସ ଏମ ଇ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଯୁବପିଢୀକୁ ଉଦ୍ୟୋଗୀ ହେବା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିପାକ ସୋଲ୍ୟୁସନର ମ୍ୟାନେଜିଂ ପାର୍ଟନର ଶ୍ରୀକାନ୍ତ ଖଟୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ପାର୍ଟନର ପ୍ରୀତିଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଇଣ୍ଡଷ୍ଟ୍ରିଜ ଫେଡେରେସନର ଚେୟାରମ୍ୟାନ ଡ଼ଃ ଶରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏଇ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ।

## ପଦୋନ୍ନତିରେ ସଂରକ୍ଷଣ ମାମଲା

# ସୁପ୍ରିମକୋର୍ଟ ସର୍ତ୍ତାବଳୀକୁ ଲାଗୁ କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଦୋନ୍ନତିରେ ସଂରକ୍ଷଣ କ୍ଷେତ୍ରରେ ସୁପ୍ରିମ୍‌କୋର୍ଟ ଜାରି କରିଥିବା ସର୍ତ୍ତାବଳୀକୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ତଦନୁଯାୟୀ ଏଣିକି ପ୍ରତି ସେବା ବର୍ଗରେ ତଫସିଲଭୁକ୍ତ ଜାତି ଓ ଜନଜାତିର କର୍ମଚାରୀଙ୍କ ଆନୁପାତିକ ହାରରେ ସଂଖ୍ୟା ରହିଛି କି ନାହିଁ ସେ ସଂକ୍ରାନ୍ତୀୟ ତଥ୍ୟ ସର୍ବେକ୍ଷଣ କରି ହସ୍ତଗତ ହେଲାପରେ ଉକ୍ତ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଆଇନ୍ ଲାଗୁ ହେବ କି ନାହିଁ ତାହା ସ୍ଥିର କରାଯିବ। ଚଳିତବର୍ଷ ଫେବୃୟାରୀ ୨୭ ତାରିଖରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀରେ ସ୍ପଷ୍ଟଭାବେ ଦର୍ଶାଯାଇଛି ଯେ ପୂର୍ବରୁ ସେହି ବିଭାଗର ୦୬/୦୫/୨୦୨୪ର ନିର୍ଦ୍ଦେଶନାମାରେ ଥିବା ସର୍ତ୍ତାବଳୀ ଏବେଠାରୁ କାର୍ଯ୍ୟକାରୀ ହେବ। ଏଥିରେ ସମସ୍ତ ସରକାରୀ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ରାଜସ୍ୱ ପାର୍ଷଦ ଓ ସମସ୍ତ ଜିଲ୍ଲାପାଳଙ୍କୁ ତତ୍କାଳ ଏହା ଲାଗୁ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମାରେ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ୨୦୨୨ ମସିହା ଏପ୍ରିଲ୍ ମାସରେ ଜାରି କରିଥିବା ନିର୍ଦ୍ଦେଶନାମାକୁ ପାଳନ ଲାଗି ସ୍ପଷ୍ଟଭାବେ କୁହାଯାଇଛି। ଏଥିରେ ସମ୍ପୃକ୍ତ ଅଧିକାରୀ ବା ବିଭାଗ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗୁ କରିବା ପୂର୍ବରୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ଜର୍ଣ୍ଣେଲ ସିଂହ ବନାମ ଏଲ ଏନ ଗୁପ୍ତା ମାମଲାରେ ୨୦୨୨ ଜାନୁୟାରୀ ମାସର ଆଦେଶରେ ରଖିଥିବା ସର୍ତ୍ତାବଳୀକୁ ଧ୍ୟାନ ଦେବେ। ଉକ୍ତ ସର୍ତ୍ତାବଳୀ ଅନୁଯାୟୀ ଯେଉଁ ସେବା ବର୍ଗରେ (କ୍ୟାଡର) ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର କର୍ମଚାରୀଙ୍କ ଆନୁପାତିକ ହାରରେ ଯୋଗଦାନ ନାହିଁ, ସେହି ସେବା ବର୍ଗରେ ପଦୋନ୍ନତି କାଳରେ ସଂରକ୍ଷଣ ନିୟମ ଲାଗୁ ହେବ। ସଂରକ୍ଷଣ ନିୟମ ଲାଗୁ କରିବା ପୂର୍ବରୁ ସମସ୍ତ ସେବା ବର୍ଗର ପୃଥକ ପୃଥକ ପରିସଂଖ୍ୟାନ ନିରୂପଣ କରିବାପାଇଁ କୁହାଯାଇଛି। ଏଠାରେ ଉଲ୍ଲେଖନୀୟ ଯେ ସର୍ବୋଚ୍ଚ ନ୍ୟାୟାଳୟ ୨୦୦୬ ମସିହାରେ ଏମ ନାଗରାଜ ବନାମ ଭାରତ ସରକାର ମାମଲାରେ ଏହି ସମାନ ଆଦେଶ ଦେଇଥିଲେ ହେଁ, ରାଜ୍ୟ ସରକାର କୌଣସି ସର୍ବେକ୍ଷଣ ନକରି ରାଜ୍ୟର ସମସ୍ତ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗୁ କରି ଆସୁଥିଲେ। ଏହାକୁ କୌଣସି ବର୍ଗର କର୍ମଚାରୀ କେବେ ବି ବିରୋଧ କରିନଥିଲେ। କିନ୍ତୁ ବର୍ତ୍ତମାନର ନୂଆ ସରକାର ଏହାକୁ ଲାଗୁ କରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଯାହାକୁ "ଦେଶର ଆଇନ୍" ବୋଲି କୁହାଯାଏ, ତାକୁ ସମ୍ମାନ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ନୂଆ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ବିଭିନ୍ନ ସେବା ବର୍ଗର କର୍ମଚାରୀଙ୍କ କହିବା ଅନୁଯାୟୀ ଯେହେତୁ ୧୯୯୫ ମସିହାର ସର୍ବୋଚ୍ଚ ନ୍ୟାୟାଳୟଙ୍କ "ପଦବୀ ଭିତ୍ତିକ ସଂରକ୍ଷଣ" ରାଜ୍ୟରେ ବିଗତ ୨୦୦୮ ବର୍ଷ ଠାରୁ ଲାଗୁହୋଇ ଆସୁଛି, ତେଣୁ ସମସ୍ତ ବର୍ଗ ନିଜ ନିଜର ଆନୁପାତିକ ହାରରେ ସେବା ବର୍ଗରେ ଯୋଗଦାନ ପାଇଛନ୍ତି। ତେଣୁ ସଚିବାଳୟ ସେବାବର୍ଗ, ସମସ୍ତ ଯାନ୍ତ୍ରିକ ସେବାବର୍ଗ, ପୁଲିସ୍ ସେବା, ଓ.ଟି.ଟି.ଏ.ଏସ୍, ଓଡିଶା ରାଜସ୍ୱ ସେବା ଓ ବିଭିନ୍ନ ତୃତୀୟଶ୍ରେଣୀଭୁକ୍ତ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଏବେ ଆଉ ପୂର୍ବଭଳି ଲାଗୁହେବ ନାହିଁ। ଅପର ପକ୍ଷରେ ଯେଉଁ ସେବା ବର୍ଗରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗିବାକୁ ସ୍ଥିର ହେବ, ସେ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିୟମ ସହିତ ସର୍ବୋଚ୍ଚ ନ୍ୟାୟାଳୟ ବିଭିନ୍ନ ସମୟରେ ଦେଇଥିବା ନିର୍ଦ୍ଦେଶ ଅନୁସାରେ ପଦୋନ୍ନତି ଦିଆଯିବ। ତେଣୁ ବିଧିବଦ୍ଧ ଭାବରେ ସର୍ବେକ୍ଷଣ କରି ପ୍ରତି ସେବାବର୍ଗର ପୃଥକ ପୃଥକ ତଥ୍ୟ ହସ୍ତଗତ ହେଲାପରେ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ପାଇଁ କର୍ମଚାରୀମାନେ ମତ ଦେଇଛନ୍ତି।

# ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘର ତୃତୀୟ ତ୍ରୈବାର୍ଷିକ ଅଧିବେଶନରେ ସାମିଲ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ସ୍ଥିତ ୟୁବିସିସି କାର୍ଯ୍ୟାଳୟରେ ଆୟୋଜିତ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘର ତୃତୀୟ ତ୍ରୈବାର୍ଷିକ ଅଧିବେଶନରେ ସାମିଲ ହୋଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏହା ଆଶା କର୍ମଚାରୀଙ୍କ ଅଧିକାର ଓ ସେମାନଙ୍କ ସଂଘର୍ଷ ଉପରେ ଆଲୋଚନା କରିବା ପାଇଁ ଅଦ୍ୱିତୀୟ ଅବସର ଥିଲା ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଆଶା କର୍ମଚାରୀ ଆମର ଫ୍ରଂଟଲାଇନ ୱାର୍କର ଅଟନ୍ତି, ଏବଂ ସେମାନଙ୍କ ଯୋଗଦାନକୁ କେବେ ଆମେ ପ୍ରତ୍ୟାଖ୍ୟାନ କରିପାରିବାନାହିଁ। ମୁଁ ସମସ୍ତ ଆଶା କର୍ମଚାରୀଙ୍କ ସମର୍ପଣ ଓ ପରିଶ୍ରମ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ସରକାରଙ୍କ ଏହି ସଂକଳ୍ପ ଯେ, ଆଶା କର୍ମଚାରୀଙ୍କ ବିକାଶ ସୁନିଶ୍ଚିତ କରାଯାଉ ଏବଂ ସେମାନଙ୍କ ଅଧିକାରର ସଂପୂର୍ଣ୍ଣ ସୁରକ୍ଷା କରାଯାଉ।

ଭୁବନେଶ୍ୱର ସ୍ଥିତ ରୋଟାରୀ ଭବନ ଠାରେ କୈବର୍ତ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ସାଧାରଣ ପରିଷଦ ବୈଠକରେ ଯାଜପୁର ସାଂସଦ ଶ୍ରୀ ରବିନାରାୟଣ ବେହେରାଙ୍କ ସହ ଯୋଗଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଏବଂ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ସଙ୍ଗଠନର ଆଭିମୁଖ୍ୟ ସହ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ଆବଶ୍ୟକତା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ଓ ଆଲୋଚନା କରାଯାଇଛି ଯାହାକି ସେମାନଙ୍କ କଲ୍ୟାଣ ଏବଂ ସର୍ବାଙ୍ଗୀନ ଉନ୍ନତିରେ ନିଶ୍ଚୟ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଲୋକଙ୍କ ସରକାର ମଧ ରାଜ୍ୟରେ କର୍ମଚାରୀଙ୍କ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ଏହାକୁ ଆହୁରି ସୁଦୃଢ଼ ଏବଂ ସୁବ୍ୟବସ୍ଥିତ କରିବା ନିମନ୍ତେ ଆମ ସରକାର ସଙ୍କଳ୍ପବଦ୍ଧ ଅଟନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# କୋଲ୍ ଇଣ୍ଡିଆର ୫୦ ବର୍ଷ ପୂରଣ ପାଇଁ ଏମ୍‌ସିଏଲ୍‌ର ଐତିହାସିକ ହାଫ୍ ମାରାଥନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ବହୁ ପ୍ରତୀକ୍ଷିତ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ୍ ସଫଳତାର ସହ ଆୟୋଜନ କରିଛି। ଯାହା କୋଲ୍ ଇଣ୍ଡିଆ ଲିମିଟେଡର ୫୦ ଗୌରବମୟ ବର୍ଷ ପାଳନ କରୁଛି। ଏହି ଐତିହାସିକ କାର୍ଯ୍ୟକ୍ରମ ଭୁବନେଶ୍ୱରର ପ୍ରତୀକାତ୍ମକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମୋଟ ପୁରସ୍କାର ରାଶି ୪୫.୩୪ ଲକ୍ଷ ଟଙ୍କା ଥିଲା। ବିଭିନ୍ନ କ୍ଷେତ୍ରର ୫୬୦୦ରୁ ଅଧିକ ଉତ୍ସାହୀ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ବୃତ୍ତିଗତ ମାରାଥନ୍ ଧାବକ, ଫିଟନେସ୍ ଉତ୍ସାହୀ, ସାରା ଦେଶରୁ ଯୁବ ଏବଂ ବୃଦ୍ଧ ସାମିଲ ଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟାଂଶୀ ସୂରଜ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପାଲଲହରା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୋଲ୍ ଇଣ୍ଡିଆର ଅଧକ୍ଷ ପିଏମ୍ ପ୍ରସାଦ, ଏମସିଏଲ ସିଏମଡି ଉଦୟ ଅନନ୍ତ କାଓଲେ ଏବଂ ଏମସିଏଲର କାର୍ଯ୍ୟକ୍ଷମ ନିର୍ଦ୍ଦେଶକ ଏବଂ ସିଭିଓ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଲିମ୍ପିଆନ୍ ଏବଂ ଶ୍ରେଷ୍ଠ ଭାରତୀୟ ଶର୍ଟଲ ସାଇନା ନେହୱାଲ୍ ଏହି କାର୍ଯ୍ୟକ୍ରମର ଉପସ୍ଥିତ ଥିଲେ। ସେ କ୍ରୀଡ଼ାପ୍ରତି ତାଙ୍କର ଉଲ୍ଲେଖନୀୟ ସମର୍ପଣ ଏବଂ ଜୀବନରେ ଫିଟନେସର ଗୁରୁତ୍ୱ ଦେଇ ଅଂଶଗ୍ରହଣକାରୀମାନଙ୍କୁ ଅନୁପ୍ରାଣିତ କରିଥିଲେ। ଅଂଶଗ୍ରହଣକାରୀମାନେ ୨୧ କିଲୋମିଟର ହାଫ୍ ମାରାଥନ୍, ୧୦ କିଲୋମିଟର ଦୌଡ଼, ୫ କିଲୋମିଟର ଏବଂ ଏକ ଅଧା କିଲୋମିଟର ଫନ୍ ଦୌଡ଼ ସମେତ ବିଭିନ୍ନ ବର୍ଗରେ ଦୌଡ଼ରେ ଏକତା ଏବଂ ଦୃଢ଼ତାର ଭାବନା ପ୍ରଦର୍ଶନ କରିଥିଲେ। ଏହାକୁ ଅଭିଜ୍ଞ ଖେଳାଳି ଏବଂ ନୂତନ ଖେଳାଳି ଉଭୟଙ୍କ ପାଇଁ ପ୍ରତିଯୋଗିତାମୂଳକ ଏବଂ ମଜାଦାର କରିଥିଲା। ଅନେକ ଲୋକ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ ଏବଂ ଦେଶକୁ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ କୋଲ୍ ଇଣ୍ଡିଆ ଏବଂ ଏମସିଏଲର ଉଲ୍ଲେଖନୀୟ ଅବଦାନର ମାଇଲଖୁଣ୍ଟକୁ ସମ୍ମାନିତ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ସହିତ ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ବଡ଼ ସଫଳତା ଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅଭିଯୋଗ ସମାଧାନରେ ବିଳମ୍ବ : ୪୮ ଅଧିକାରୀଙ୍କ ଦରମା ରୋକିବାକୁ ଚିଠି

**ସାଲେପୁର, ନ୍ୟୁଜ ବ୍ୟୁରୋ**

ବାବୁଙ୍କ ଦରମାରେ ରୋକ୍। କଟକ ଜିଲ୍ଲାର ୪୮ ଜଣ ସରକାରୀ ଅଧିକାରୀଙ୍କ ଫେବ୍ରୁଆରୀ ମାସର ଦରମା ଉପରେ ରୋକ୍ ଲଗାଇଛନ୍ତି ଜିଲ୍ଲାପାଳ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗର ସମାଧାନ ହୋଇ ନଥିବାରୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଠଗଡ, ବାଙ୍କୀ, ବଡ଼ମ୍ବା, କଟକ ସଦର, ମାହାଙ୍ଗା, ନରସିଂହପୁର, ନିଶ୍ଚିନ୍ତକୋଇଲି, ସାଲେପୁର, ଟାଙ୍ଗୀ-ଚୌଦ୍ୱାର, ତିଗିରିଆ ବ୍ଲକ ବିଡିଓଙ୍କ ସହ ବାଙ୍କୀ, ବାରଙ୍ଗ, କଣ୍ଟାପଡ଼ା, ମାହାଙ୍ଗା, ନିଆଳି, ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେହିଭଳି ସିଏସ୍‌ଓ କଟକ, ଡିସିପିଓ, ଓମ୍‌ଫେଡ୍ ଏମ୍‌ଡି, ଇଡ୍‌କୋ ଜିଏମ୍, କଟକ ଡିଆଇସି, ଡଆଇପିଆରଓ, ଡିଆରସିଏସ୍ କଟକ, ଆଠଗଡ଼ ଏନଏସି ଓ ଚୌଦ୍ୱାରା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡବ୍ଲୁଏସ୍‌ଏସ୍ କଟକ, ସେଟେଲମେଣ୍ଟ ଅଫିସର କଟକ, ଉପ-ଜିଲ୍ଲାପାଳ ବାଙ୍କୀ ଆଦି ଅଧିକାରୀଙ୍କ ଫେବ୍ରୁମାସର ଦରମା ରୋକିବା ପାଇଁ ଟ୍ରେଜେରୀକୁ ଚିଠି ଲେଖିଛନ୍ତି ଜିଲ୍ଲାପାଳ।

# ଉତ୍କଳ ଆଲୁମିନା ପକ୍ଷରୁ ସୌରଚାଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ

**ରାୟଗଡା, ନ୍ୟୁଜ ବ୍ୟୁରୋ**

ଆଧିବାସୀ ଅଧୁଷିତ ଅଞ୍ଚଳରେ କୃଷକଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଉତ୍କଳ ଆଲୁମିନା ପକ୍ଷରୁ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଅଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ସିଏସଆର ବିଭାଗ ହରିଆଲି ପ୍ରକଳ୍ପ ଅଧିନରେ କାଶୀପୁର ବ୍ଲକ ଅନ୍ତର୍ଗତ ବିଲାମାଳ ଗ୍ରାମରେ ସୌର ଚଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ ହୋଇଛି। ଏହା ଚାଷୀଙ୍କୁ ଦୀର୍ଘ ଦିନ ଧରି ନିଜ କଷ୍ଟ ଅର୍ଜିତ ଫସଲକୁ ସଂଗ୍ରକ୍ଷଣ କରିବା ସହିତ ଏହା ବଜାରରେ ସଠିକ ସମୟରେ ପହଞ୍ଚାଇ ଅମଳ ସାମଗ୍ରୀର ଉଚିତ ମୂଲ୍ୟ ପାଇବାରେ ସହାୟକ ହେବ। ଏଥିପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଶୀତଳ ଭଣ୍ଡାର ବ୍ୟବସ୍ଥା ନଥିବାରୁ ଫସଲ ଅମଳ ପରେ ସଂଗ୍ରକ୍ଷଣ ନହୋଇପାରି ପଚିସଢି ଯିବା ଫଳରେ ଚାଷୀମାନେ ଆର୍ଥୀକ କ୍ଷତି ଗ୍ରସ୍ତ ହେଉଥିଲେ। ସ୍ଥାନୀୟ ସାହୁକାରଙ୍କ ଠାରୁ ଋଣ କରି ଚାଷ କାର୍ଯ୍ୟରେ ବିନିଯୋଗ କରିବା ଦ୍ୱାରା ଚାଷୀ ନିଜ ଫସଲ ଅମଳ ପରେ ଏହାକୁ ସଂଗ୍ରକ୍ଷଣ ନକରିପାରି ଏହାକୁ ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରୟ କରୁଥିଲେ। ଏହାଦ୍ୱାରା ଅଞ୍ଚଳର କୃଷକ ଫସଲର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସହ ପର୍ଯ୍ୟାୟକ୍ରମେ ଚାଷ କାର୍ଯ୍ୟରୁ ମୁହଁ ଫେରୁଥିଲେ। ସମ୍ପ୍ରତି ସମସ୍ୟା ନିବାରଣ ସକାଶେ ଉତ୍କଳ ଅଲୁମିନା ସିଏସଆର ବିଭାଗ ତରଫରୁ ପ୍ରକଳ୍ପ ହରିଆଲି ଅନ୍ତର୍ଗତ ସୌରଚଳିତ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଅଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହିଣ୍ଡାଲକୋ ଇଣ୍ଡସଟ୍ରୀଜ ସିଏଫଓ ଭାରତ ଗୋଏଙ୍କା, ଉତ୍କଳ ଆଲୁମିନା କାରଖାନା ମୁଖ୍ୟ ରବି



ନାରାୟଣ ମିଶ୍ର, ସିଏଫଓ ଭାସ୍କର ବାନର୍ଜୀ, ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, ଆଞ୍ଚଳିକ ସମୃଦ୍ଧି ସାଧନ (ଆଶା) ଏନଜିଓ ନିର୍ବାହୀ ସଂଯୋଜକ ସଞ୍ଜିଭ କୁମାର ପଟ୍ଟନାୟକ ଓ ଅଜିତାଇ ଚାଷୀ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସରତ ନାୟକଙ୍କ ସମେତ ବିଲାମାଳ, ମକାପଦର, ସାନମାଟିକଣା, ଉପରଡେସକା, ବଡମାଟିକଣା, ନାକିଟିଗୁଡା, ଡିମୁଣ୍ଡି, ଟିକିରି ଓ କାଳିଆକଣା ଗ୍ରାମର ଅଗ୍ରଣୀ କୃଷକମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୃଷକ ଉନ୍ନତିରେ...

ଆଧୁନିକୀକରଣ କରିବା ସହିତ ଆମର ଚାଷୀଭାଇମାନଙ୍କୁ ବିଶ୍ୱ ବଜାରରେ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ। ୨୦୨୫-୨୬ ବଜେଟରେ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ବହୁବିଧ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରାଯାଇଛି। ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଅର୍ଥ ଇନପୁଟ ସହାୟତା ଆକାରରେ ପ୍ରଦାନ କରାଯାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣାଯାଉଛି। ଏହି ଯୋଜନାର ବଜେଟ ୫ହଜାର କୋଟିରୁ ୬ହଜାର କୋଟିକୁ ବୃଦ୍ଧି କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ପିଏମ କିଷାନକୁ ରାଜ୍ୟ ଯୋଜନା ସିଏମ କିଷାନ ସହିତ ସମ୍ମିଶ୍ରଣ କରାଯାଇ କୃଷକମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟକୁ ସାକାର ପାଇଁ ବଜେଟରେ ୨ହଜାର ୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମାଣ୍ଡିଆ ଚାଷ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ପୋଷଣର ଆବଶ୍ୟକତାକୁ ପୂରଣ ପାଇଁ ଶ୍ରୀଅନ୍ନ ଅଭିଯାନକୁ ସମସ୍ତ ୩୦ଟି ଜିଲ୍ଲାର ୧୭୭ଟି ବ୍ଲକକୁ ସମ୍ପ୍ରସାରିତ କରାଯିବା ଲକ୍ଷ୍ୟ ନେଇ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯାଇଛି। କୃଷି ଯାନ୍ତ୍ରିକୀକରଣ ଓ କୃଷି ଭିତ୍ତିକ ଉଦ୍ୟୋଗର ବିକାଶ ନିମନ୍ତେ ୪୨୫କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ସେହିପରି କୃଷି ଉଦ୍ୟୋଗର ପ୍ରୋତ୍ସାହନ ତଥା ବ୍ୟବସାୟକୁ ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ୨୬୪କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ, ଜିଲ୍ଲାପାଳ ବିଶାଲ ସିଂହ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜାମି ସୂର୍ଯ୍ୟା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ଓ କୃଷି ଆନୁସଙ୍ଗିକ ଉପକରଣ ପ୍ରଦର୍ଶିତ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ୧୧ଜଣ ସଫଳ ଚାଷୀ ମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ସୁବିଧା ହସ୍ତାନ୍ତର କରାଯାଇଥିଲା।

## ୮ ମାସ ଭିତରେ ଗୋଟିଏ ...

ତାରିଖ ଭିତରେ ଯେଉଁମାନେ ବି ଆବେଦନ କରିବେ, ସମସ୍ତଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଗତବର୍ଷ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦେବେ। ଏହିପରି ୫ ବର୍ଷରେ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ମିଳିବ।

## ନିଜ ଆଡୁ ...

କାର୍ଡ ଫେରାଇ ଦିଅନ୍ତୁ। ସେହିପରି ସହରାଞ୍ଚଳରେ ୧୫ ହଜାର ଟଙ୍କା ମାସିକ ଆୟ ଥିଲେ କାର୍ଡ ଫେରାଇ ଦିଅନ୍ତୁ। ସରକାର ଏବେ କାର୍ଯ୍ୟାନୁଷ୍ଠାନ ନେବେନି, ଫେରାଇ ଦିଅନ୍ତୁ। ସୋମବାର ପୋର୍ଟାଲ ଖୋଲିବା ପରେ ଦେଢ଼ ହଜାର ଆବେଦନ ହୋଇଛି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ରାସନ କାର୍ଡ ଅପେକ୍ଷାରେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୮୦ ହଜାର ଅଯୋଗ୍ୟ ହିତାଧିକାରୀ ଫେରାଇଲେଣି। ୧୨ ହଜାର କାର୍ଡ ସାଢ଼େ ୪ ହଜାର ସରକାରୀ କର୍ମଚାରୀ ଫେରାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ରାଜ୍ୟରେ ପାରଦ...

ଅନ୍ୟପକ୍ଷେ ଚାନ୍ଦବାଲିରେ ତାପମାତ୍ରା ୩୫.୪ ଡିଗ୍ରୀରେ ପହଞ୍ଚିଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅବଧି ଅଧିକ ରହିବ, ମେ ଶେଷ ପର୍ଯ୍ୟନ୍ତ ଖରା ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିବ। ଏହି ୩ମାସ ମଧ୍ୟରେ ୮ରୁ ୯ଦିନ ଲଗାତର ହିଟ୍‌ୱେଭର ଆଶଙ୍କା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୩ଦିନ ମଧ୍ୟରେ ରାତି ତାପମାତ୍ରା ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଏନକାଉଣ୍ଟର...

ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଥିଲେ। ପ୍ରକାଶ ଥାଉକି ଗତ ୨୦୨୪ ଅଗଷ୍ଟ ୧୨ ତାରିଖ ଦିନ ଏହି ଅଂଚଳରେ ହିଁ ଲ୍ୟାଣ୍ଡମାଇନ ବିସ୍ଫୋରଣ ଫଳରେ ଜଣେ ମହିଳା କାବାସି ସୁକ୍କିଙ୍କର ମୃତ୍ୟୁ ହୋଇଥିଲା। ଯବାନଙ୍କୁ ଟାର୍ଗେଟ କରି ନକ୍ସଲ ଜଙ୍ଗଲରେ ବୋମା ଖଞ୍ଜିଥାନ୍ତି। ତେବେ ଯବାନଙ୍କ ଦ୍ୱାରା ଉଚିତ ସମୟରେ ବୋମାକୁ ଉଦ୍ଧାର କରାଯିବା ପରେ ଏକ ବଡ ଧରଣର ଅଘଟଣକୁ ଏଡାଇ ଦିଆଯାଇପାରିଥିଲା ବୋଲି କୁହାଯାଇଛି। ଆଉ ଏକ ନକ୍ସଲଙ୍କର ବଡ ଯୋଜନାକୁ ଯବାନ ପଣ୍ଡ କରିଛନ୍ତି।

## ରାଜ୍ୟ ସରକାରଙ୍କ ...

ସହାୟତା ରାଶି ପ୍ରଦାନ କରାଯିବ। ହିତାଧିକାରୀ ମହିଳାଙ୍କ ଖାତାକୁ ଉଭୟ କିସ୍ତି ବାବଦକୁ ୫ହଜାର ଟଙ୍କା ଲେଖାଏ ଯିବ। ପୂର୍ବରୁ ୪ଟି ପର୍ଯ୍ୟାୟରେ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ଯାଇଥିବାବେଳେ ପ୍ରାୟ ୨ଲକ୍ଷ ମହିଳା ବାଦ ପଡ଼ିଥିଲେ। ତେଣୁ ବାଦ ପଡ଼ିଥିବା ମହିଳାଙ୍କୁ ପଞ୍ଚମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଦିଆଯିବ ବୋଲି କୁହାଯାଇଛି। ରବିବାର ପ୍ରଭାତୀ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୩୧ ସୁଭଦ୍ରା ଆବେଦନର ଶେଷ ତାରିଖ। ୩୧ ଭିତରେ ଯେଉଁମାନେ ଆବେଦନ କରିଥିବେ ଏକକାଳୀନ ପାଇବେ। ଯେଉଁମାନେ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପାଇ ନ ଥିବେ ସେମାନେ ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ଟଙ୍କା ପାଇବେ। ଏବେ ସୁଭଦ୍ରା ମ୍ୟାଜିକ ନମ୍ବର କୋଟିଏରୁ ଊର୍ଦ୍ଧ୍ୱ ଛୁଇଁଛି। ୮ ମାସରେ ଗୋଟିଏ ଯୋଜନା ହୋଇ କୋଟିଏ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବା ଇତିହାସ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦୋଳ ପୂର୍ଣ୍ଣିମାରେ...

ତେଣୁ ମାର୍ଚ୍ଚ ୧୪ ତାରିଖରେ ଲୋକେ ହୋଲି ଖେଳିପାରିବେ, ପୂଜା କରିପାରିବେ ଏବଂ ଫାଲଗୁନ ପୂର୍ଣ୍ଣିମା ସହିତ ଜଡିତ ସମସ୍ତ ଧାର୍ମିକ କାର୍ଯ୍ୟକଳାପ ମଧ୍ୟ କରିପାରିବେ।

# କଟକର 'ଦହିବରା-ଆଳୁଦମ୍'ର ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ହେବ : ଇଂ. ସୋଫିଆ



**କଟକ, ନ୍ୟୁଜ ବ୍ୟୁରୋ**

ଆଳୁଦମ ଦହିବରା କେବଳ ଖାଦ୍ୟ ନୁହେଁ, ଏହା ଏକ ଆବେଗ। କଟକର ସ୍ଥାନୀୟ ଖାଦ୍ୟ ଭାବେ ଆରମ୍ଭ ହୋଇଥିବା ନିଆରା ଦହିବରା ଆଳୁଦମ ସମୟକ୍ରମେ କଟକର ସାଂସ୍କୃତିକ ପରିଚୟ ପାଲଟିଯିବା ସହ ଖାଦ୍ୟପ୍ରେମୀମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଏହାର ପ୍ରସ୍ତୁତି ଶୈଳୀରେ ରହିଛି ଓଡ଼ିଆ ପରମ୍ପରା ଓ ସ୍ୱାଦର ସ୍ୱର୍ଗୀୟ ଅନୁଭବ ଯାହା ଖାଦ୍ୟପ୍ରେମୀଙ୍କୁ କରେ ମନ୍ତ୍ରମୁଗ୍ଧ। କଟକ ସବୁ ପିଢୀର ଲୋକଙ୍କୁ ପସନ୍ଦ ଆସୁଥିବା ଏହି ଖାଦ୍ୟ ଏକ ନିତିଦିନିଆ ଆରାମଦାୟକ ଖାଦ୍ୟରେ ପରିଣତ ହୋଇଛି। ଏହି ପରମ୍ପରାକୁ ସମ୍ମାନ ଜଣାଇ ମାର୍ଚ୍ଚ ୧ ତାରିଖରେ ଆରମ୍ଭ କରାଯାଇଛି ଦହିବରା ଆଳୁଦମ୍ ଦିବସ। ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ଦହିବରା ଦିବସ ଭାବେ ପାଳନ କରାଯିବାକୁ ସ୍ଥିର କରାଯାଇଛି। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସିଲଭର ସିଟି ବୋଟ କ୍ଲବଠାରେ ଆୟୋଜିତ ଦହିବରା ଉତ୍ସବରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗ ଦେଇ ଦହିବରା ଆଳୁଦମ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ। ଯିଏ ଯେଉଁଠି ଥାଉ ନା କାହିଁକି କଟକକୁ ଆସିଲେ ପ୍ରଥମେ ଦହିବରା ଆଳୁଦମ ହିଁ ଖୋଜିଥାଏ। ଦହିବରା ଏବେ କେବଳ କଟକରେ ସିମୀତ ହୋଇ ରହିନାହିଁ ଏହା ଦେଶ ବିଦେଶରେ ମଧ ନାଁ କରିସାରିଲାଣି। ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ହଦିବରା ବ୍ୟବସାୟୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ଦହିବରା ଆଳୁଦମକୁ ଜିଆଇ ଟ୍ୟାଗ ମିଳିବା ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି, ଅନନ୍ୟ ଦହିବରା ଆଳୁଦମକୁ ବିଶ୍ୱସ୍ତରୀୟ ମାନ୍ୟତା ଲକ୍ଷ୍ୟ ନେଇ ଜି ଆଇ ଟ୍ୟାଗ ମିଳିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ଖାଦ୍ୟକୁ ଆହୁରି ଜନାଦୃତ କରିବା ଲକ୍ଷ୍ୟ ନେଇ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଉଥିବା ଶ୍ରୀ ଶିନ୍ଦେ ସ୍ୱାଗତ ଅଭିଭାଷଣରେ କହିଛନ୍ତି। କଟକ ମହାନଗର ନିଗମ କମିଶନର ଶ୍ରୀ ଅନାମ ଚରଣ ପାତ୍ର କଟକିଆଙ୍କ ପ୍ରାଣରେ ଦହିବରା ଆଳୁଦମର ବାସ୍ନା ଭରି ରହିଛି ବୋଲି କହିଛନ୍ତି।

ଅନୁଷ୍ଠିତ ହହିବରା ଉତ୍ସବରେ କଟର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ଷ୍ଟଲମାନ ଖୋଲିଥିଲେ। ଦହିବରା ଉତ୍ସବ ଅବସରରେ ସିଲଭର ସିଟି ବୋଟ କ୍ଲବଠାରେ କଟକର ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ବ୍ୟବସାୟୀମାନଙ୍କର ତାଲିକା, ସେଲଫି ଜୋନ୍, ଦହିବରାର ଖାଦ୍ୟ ଗୁଣବତା ଆଦି ପ୍ରଦର୍ଶିତ ହୋଇଥିଲା। ଦହିବରା ଦିବସ ଅବସରରେ ଆଳୁଦମଦହିବରା ଡଟ କମ୍ ନାମକ ଏକ ୱେବ ପେଜ୍ ମଧ ଉଦଘାଟିତ ହୋଇଯାଇଛି। ଏହି ୱେବ ପେଜରେ ଦହିବରା ଆଳୁଦମର ଇତିହାସ, ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ଆଳୁଦମ, ଦହିବରା ଆଳୁଦମର ସ୍ୱାସ୍ଥ୍ୟଗତ ଉପାଦେୟତା ଆଦି ସ୍ଥାନ ପାଇଛି।

କାର୍ଯ୍ୟକ୍ରମ ଅବସରରେ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ତ୍ରିନାଥ ଓ ବାବୁଲା, ଫୁଡ ବ୍ଲଗର ରୋହିତ ଶ୍ରୀବାସ୍ତବ ଏବଂ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ। ଦହିବରା ଦିବସର ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କାର୍ଯ୍ୟ କରିଥିଲେ।

ଭୁବନେଶ୍ୱର
୦୩ ମାର୍ଚ୍ଚ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମା' ଉଗ୍ରତାରା ଦେବୀଙ୍କ ହୁଣ୍ଡିରୁ ମିଳିଲା ୮ ଲକ୍ଷରୁ ଅଧିକ ଟଙ୍କା ଓ ରୁପା ମୁଦ୍ରା



**ଖୋର୍ଦ୍ଧା ୦୨/୦୩ ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଶକ୍ତି ପୀଠ ତଥା ପର୍ଯ୍ୟଟନ ସ୍ଥଳୀ ଭୂଷଣ୍ଡପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଉଗ୍ରତାରା ଦେବୀଙ୍କର ହୁଣ୍ଡି ଖୋଲା ଯାଇଛି । ମନ୍ଦିରର ଦାନବାକ୍ସ ଗଣତି ପରେ ହୁଣ୍ଡିରୁ ୮ ଲକ୍ଷ ୬୯ ହଜାର ୬୨୬ ଟଙ୍କା ମିଳିଛି । ଏହାସହ ଗୋଟିଏ ରୁପା ମୁଦ୍ରା ମିଳିଛି । ମା'ଙ୍କ ଠାରୁ ଆଜ୍ଞାମାଳ ଆଣିବା ପରେ ରୀତି ନୀତି ଅନୁସାରେ ପୂଜାପାଠ କରାଯାଇ ହୁଣ୍ଡି ଖୋଲା ଯାଇଥିଲା । ମନ୍ଦିର ପରିସରରେ ଥିବା ପ୍ରଶାସନିକ କାର୍ଯ୍ୟାଳୟରେ ଗଣତି ସମୟରେ ସିସିଟିଭି ବ୍ୟବସ୍ଥା କରା ଯାଇଥିଲା । ଗଣତି ସମୟରେ ଟାଙ୍ଗୀ ତହସିଲଦାର ମିତାଲୀ ପାତ୍ର, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ ଓ ସ୍ଥାନୀୟ କମିଟି ଉପସ୍ଥିତ ଥିଲେ । ନୂଆଗଡ଼ ପଞ୍ଚାୟତର ଏସ୍ଏଚ୍‌ଜି ମହିଳା, ମନ୍ଦିର କର୍ମଚାରୀ କୁମର ପାତ୍ର, ସୁବ୍ରତ କୁମାର ସାମନ୍ତରାୟ, ସରପଞ୍ଚ କିଶୋର କୁମାର ରାଉତରାୟ, ସୁନିତା ହାଲଦାର, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଖୋଲାଯାଇଥିଲା । ହୁଣ୍ଡି ଟଙ୍କାକୁ ନିକଟସ୍ଥ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ମନ୍ଦିରର ଜମା ଖାତାରେ ଜମା କରାଯିବ ବୋଲି ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି ।

ଭୁବନେଶ୍ୱର : ରବିନ୍ଦ୍ର ମଣ୍ଡପରେ ସୁଷମା ସଂଗୀତ ସଦନ ପକ୍ଷରୁ ଆୟୋଜିତ ୧୯ତମ ଗୁରୁ ପ୍ରଣାମ ଉତ୍ସବର ଉଦ୍‌ଯାପନୀ ଦିବସରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ ଏ ମହେଶ୍ୱର ରାଓଙ୍କୁ ଗୁରୁ ବାଳକୃଷ୍ଣ ଦାଶ ସମ୍ମାନ-୨୦୨୫ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ି । ନିକଟରେ ଅଛନ୍ତି ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ସୁଧିରଞ୍ଜନ ମିଶ୍ର, ଯଜ୍ଞାଶିଷ ମହାପାତ୍ର, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ, ଡଃ. ମିତାଲି ଚିନ୍ନାରା ଏବଂ ଅଶ୍ୱିନୀ କୁମାର ମହାନ୍ତି । ସୁଷମା ସଂଗୀତ ସଦନ ଅନୁଷ୍ଠାନର କଳାକାରମାନେ ସଂଗୀତ ପରିବେଷଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)







ଭୁବନେଶ୍ୱର : ନବୀନ ନିବାସଠାରେ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବ୍ୟାସନଗର ମ୍ୟୁନିସିପାଲିଟିର ବିଜେଡି କାଉନ୍‌ସିଲରମାନେ । (ଫଟୋ : ସମ୍ବାଦ କଳିକା)

# ବଜେଟ ଉପରେ ଚର୍ଚ୍ଚା କଲେ ବୈଜୟନ୍ତ : ଭାରତର ଜିଡିପି ଅଭିବୃଦ୍ଧି ବିଶ୍ୱରେ ପ୍ରଥମ

**କେନ୍ଦ୍ରାପଡ଼ା, ୨/୩**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ାରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ସାମିଲ ହେଲେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା । ଏ ଅବସରରେ କେନ୍ଦ୍ରୀୟ ବଜେଟ ସଂପର୍କରେ ଆଲୋକପାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି । ଆଗାମୀ ଦିନରେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହେବାର ଲକ୍ଷ୍ୟ ରଖିଛି । ବିଶ୍ୱ ବ୍ୟାଙ୍କର ଆକଳନ ଅନୁଯାୟୀ ସମଗ୍ର ବିଶ୍ୱରେ ବର୍ତ୍ତମାନ ଭାରତର ଜିଡିପି ସବୁଠାରୁ ଅଧିକ ରହିଛି । ନିକଟରେ ଭାରତ ବିଶ୍ୱର ବୃହତ ଅର୍ଥନୀତି ତାଲିକାରେ ଇଂଲଣ୍ଡକୁ ଅତିକ୍ରମ କରିଥିଲା । କେନ୍ଦ୍ରୀୟ ବଜେଟର ଏଥିରେ ବଡ ଭୂମିକା ରହିଛି । ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ବିକଶିତ ଭାରତର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଆମେ ଏହାକୁ ପୂରଣ କରିବାକୁ ଯାଉଛୁ । ସେହିପରି ବଜେଟରେ ଚାଷୀ ଓ ମହିଳାଙ୍କୁ ମଧ ସରକାର ଫୋକସରେ ରଖିଛନ୍ତି । ଶ୍ରମିକମାନଙ୍କୁ ଦକ୍ଷ କରାଯିବା ସହିତ ଆୟକୁ ଦୁଇଗୁଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ସହିତ ଶତ ପ୍ରତିଶତ ଦାରିଦ୍ର୍ୟ ଦୂରୀକରଣ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି । କିଷାନ କ୍ରେଡିଟ କାର୍ଡର ଲିମିଟ୍ ବୃଦ୍ଧି କରାଯାଇଥିବା ବେଳେ ଏହା ଦ୍ୱାରା ୭.୭ କୋଟି ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି । ପଲସେସ ମିଶନ ଦ୍ୱାରା ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଜଳ ଜୀବନ ମିଶନରେ ଓଡ଼ିଶା ପଛୁଆ ରହିଥିବା ବେଳେ ଡବଲ ଇଞ୍ଜିନ ସରକାର ଏହାକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କହିଛନ୍ତି ବୈଜୟନ୍ତ ପଣ୍ଡା । ସେହିପରି ଆୟକର ଉପରେ ଚଳିତ ବର୍ଷ କେନ୍ଦ୍ର ସରକାର ରିହାତି ବ୍ୟବସ୍ଥା ଆଣିଛନ୍ତି ବୋଲି ସେ କହିଛନ୍ତି । ବୈଜୟନ୍ତଙ୍କ ସହ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ ଉପସ୍ଥିତ ରହି ରାଜ୍ୟ ବଜେଟ ଓ ବିଭିନ୍ନ କ୍ଷେତ୍ରକୁ ବ୍ୟୟବରାଦ ଦିଗରେ ଆଲୋଚନା କରିଛନ୍ତି । ବୁଦ୍ଧିଜୀବୀ ସମ୍ମିଳନୀ ପୂର୍ବରୁ ସଂସ୍କୃତି ଭବନରେ ବିଜେପି ପକ୍ଷରୁ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ଶୀର୍ଷକରେ ପ୍ରେସ୍‌ମିଟ୍ କରିଥିଲେ ସାଂସଦ ବୈଜୟନ୍ତ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ । ଏ ଅବସରରେ ବୈଜୟନ୍ତ କହିଛନ୍ତି, କେନ୍ଦ୍ର ବଜେଟରୁ ଓଡ଼ିଶାକୁ ମିଳିବ ସିଂହଭାଗ ଲାଭ । କେନ୍ଦ୍ର ବଜେଟରୁ ମଧ୍ୟବିତ୍ତ ବିଶେଷ ଲାଭ ପାଇବାକୁ ଥିବା ବେଳେ ମହିଳା ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ଆଣିବ । ସେହିପରି ମହିଳା ସଶକ୍ତିକରଣ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ ଜଳ ଭଳି ବିଭିନ୍ନ କ୍ଷେତ୍ରକୁ ବଜେଟରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ବୈଜୟନ୍ତ ।

# ସୁନ୍ଦରଗଡରେ ଲଜ୍ୟା : ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ, ୨ ଅଟକ

**ରାଉରକେଲା ୦୨/୦୩ ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡରେ ପୁଣି ଲଜ୍ୟା । ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଚାନ୍ଦିପୋଷ ଥାନା ଅଞ୍ଚଳରୁ ଆସିଛି ଏହି ଅଭାବନୀୟ ଘଟଣା । ରାଉରକେଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରୁ ଚାନ୍ଦିପୋଷକୁ ନିର୍ବନ୍ଧ ପାଇଁ ଯାଉଥିଲେ ନାବାଳିକା । ତେବେ ୨ ଜଣ ଯୁବକ ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଘରେ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ।




# ପୁଣି ଉପବାସରେ ଶ୍ରୀଲିଙ୍ଗରାଜ : ହେଲାନି ମହାପ୍ରଭୁଙ୍କ ହାଣ୍ଡିଭଙ୍ଗା ଯାତ୍ରା

**ଭୁବନେଶ୍ୱର, ୨/୩**
**ନ୍ୟୁଜ ବ୍ୟୁରୋ**

ଏବର୍ଷ ପାଳନ ହେଲାନି ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା । ବୀରକିଶୋର ବଲ୍ଲଭ ନୀତିରୁ ଦିଅଁଙ୍କ ନୀତି ଆଗକୁ ବଢ଼ିନଥିଲା । ଅପରାହ୍ଣ ପ୍ରାୟ ସାଢ଼େ ୪ଟାରୁ ଦିଅଁଙ୍କ ସମସ୍ତ ନୀତି ବନ୍ଦ ହୋଇଗଲା । ଦ୍ୱିପ୍ରହର ଧୂପ, ଟେରାଫିଟା, ସନ୍ଧ୍ୟା ଧୂପ ଓ ବଡ଼ସିଂହାର ହୋଇପାରିଲାନି । ନୀତିବନ୍ଦ ଯୋଗୁଁ ଉପବାସ ତଥା ଉଜାଗର ରହିଲେ ଦିଅଁ । ପରମ୍ପରା ରକ୍ଷା କରିପାରୁନଥିବାରୁ ଦିଅଁଙ୍କ ଯାତ୍ରା ପରମ୍ପରା ଭଙ୍ଗ ହେବା ଯୋଗୁଁ ପ୍ରଶାସନକୁ ଦାୟୀ କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ । ପ୍ରତିବର୍ଷ ମହାଶିବରାତ୍ରୀ ଯିବାର ପ୍ରଥମ ଶନିବାର ମହାପ୍ରଭୁଙ୍କ ହାଣ୍ଡିଭଙ୍ଗା ଯାତ୍ରା ପଡ଼ିଥାଏ । ମହାପ୍ରଭୁ ସୁସଜ୍ଜିତ ପାଲିଙ୍କି ଓ ବିମାନରେ କପିଳେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି । ସେଠାରେ ମହାପ୍ରଭୁଙ୍କ ସହ ଶନିଶ୍ଚରଙ୍କ ଭେଟଆଳତି ହୋଇଥାଏ । ଦିଅଁଙ୍କର ଏହି ପରମ୍ପରା ବହୁ ବର୍ଷଧରି ପାଳନ ହୋଇଆସୁଛି । କପିଳେଶ୍ୱର ଓ ଲିଙ୍ଗରାଜ ସେବାୟତଙ୍କ ସମନ୍ୱୟରେ ହାଣ୍ଡିଭଙ୍ଗା ଯାତ୍ରା ସମ୍ପନ୍ନ କରାଯାଏ । କିନ୍ତୁ ୨୦୧୫ ମସିହାରୁ ଏହି ଯାତ୍ରା ପରମ୍ପରାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି । କପିଳେଶ୍ୱର ମନ୍ଦିରରେ ମଲିଆ ଓ ଖୁଣ୍ଟିଆ ସେବାୟତଙ୍କ ଭିତରେ ସେବାପୂଜା ଅଧିକାର ବିବାଦକୁ ନେଇ ଲିଙ୍ଗରାଜଙ୍କ ଯାତ୍ରା ପରମ୍ପରା ଭାଙ୍ଗୁଛି । ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ଓ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା ଚଳିତବର୍ଷ ହାଣ୍ଡିଭଙ୍ଗା ଯାତ୍ରା ପାଳନ ହେବ କି ନାହିଁ ତାହା ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ । ଦିଅଁଙ୍କ ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରା ସହ ମହାଶିବରାତ୍ରିରେ କପିଳେଶ୍ୱରଙ୍କ ମଲିଆ ସେବାୟତଙ୍କ ୧୦୮ ଜଳଲାଗି ପରମ୍ପରା ଜଡ଼ିତ ରହିଛି । ଏବର୍ଷ କପିଳେଶ୍ୱର ମନ୍ଦିର ପ୍ରଶାସନ ତରଫରୁ ତାହା ପାଳନ କରାଯାଇ ନାହିଁ । ପୂର୍ବ ପରମ୍ପରା ରକ୍ଷା କରାଯାଇ ପାରୁନଥିବାରୁ ହାଣ୍ଡିଭଙ୍ଗା ଯାତ୍ରା ହୋଇପାରୁନି ବୋଲି ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି କହିଛନ୍ତି । ୧୦ବର୍ଷ ହେବ ପରମ୍ପରା ବଞ୍ଚାଇ ପାରୁନଥିବା କପିଳେଶ୍ୱର ମନ୍ଦିର ପ୍ରଶାସନକୁ ଲିଙ୍ଗରାଜ ସେବାୟତମାନେ ଦାୟୀ କରିଛନ୍ତି । ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ, ଚଳିତବର୍ଷ ମକର ସଂକ୍ରାନ୍ତି ପୂର୍ବଦିନ ଲିଙ୍ଗରାଜଙ୍କ ନବାଙ୍କବେଢ଼ା ନୀତିରେ ବିବାଦ ଦେଖା ଦେଇଥିଲା । ଦୁଇ ନିଯୋଗଙ୍କୁ ନେଇ ବିବାଦ ବଢ଼ିଥିଲା । ଦିଅଁ ଶୀତକାକରରେ ଦୁଇଦିନ ଉପବାସ ରହିଥିଲେ । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦିଅଁଙ୍କ ନୀତିବନ୍ଦ ଉପରେ ତୁରନ୍ତ ହସ୍ତକ୍ଷେପ କରିଥିଲେ । ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ତଥା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ନୀତିକାନ୍ତି ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ତାଗିଦ୍ ପରେ ଜିଲ୍ଲା ପ୍ରଶାସନ କ୍ରିୟାଶୀଳ ହୋଇ ନୀତିକାନ୍ତି ସ୍ୱାଭାବିକ କରିଥିଲେ । କିନ୍ତୁ ଶନିବାର ଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଥିଲେ ହେଁ ପରମ୍ପରା ରକ୍ଷା ଦିଗରେ କାହାର ନିଦ ନଭାଙ୍ଗିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଇଛି ।



# ପରିତ୍ୟକ୍ତ କୂଅରୁ ଉଦ୍ଧାର ହେଲା ଛୁଆ ହାତୀର ଗଳିତ ମୃତ ଦେହ

**ଆଠଗଡ଼, ୨/୩ ନ୍ୟୁଜ ବ୍ୟୁରୋ**

ଆଉ ଏକ ହାତୀର ମୃତ୍ୟୁ । ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଆଠଗଡ଼ ରେଞ୍ଜ କନ୍ଦରପୁର କେନ୍ଦୁଟୋକୋଲି ସ୍ଥିତ ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଛି ହାତୀ ଛୁଆର ଗଳିତ ମୃତ ଦେହ । ଛୁଆଟି କିଛି ଦିନ ଧରି କୂଅରେ ପଡ଼ିଥିବା ସନ୍ଦେହ କରାଯାଉଛି । କୂଅରୁ ପାଣି ଶୁଖିବା ପରେ ହାତୀର ଗଳିତ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଘଟଣା ସ୍ଥଳରେ ଆଠଗଡ଼ ବନ ବିଭାଗ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ଆଠଗଡ଼ ବନଖଣ୍ଡରେ ପାଖାପାଖି ୨୦୦ ହାତୀ ଥିବା ବିଭାଗ ପକ୍ଷରୁ ସୂଚନା ରହିଛି । ସେଥି ମଧ୍ୟରୁ ପାଖାପାଖି ୫୦ଟି ଛୁଆ ହାତୀ ରହିଥିବାବେଳେ ଶହେଟି ମାଈ ହାତୀ ରହିଥିବା ସୂଚନା ମିଳିଛି ।




# 'କଳାଜିରା ଚାଉଳ'କୁ ଶ୍ରୀମନ୍ଦିରର ପ୍ରସାଦରେ ବ୍ୟବହାର କରାଯିବ

**କୋରାପୁଟ, ୧/୩ ନ୍ୟୁଜ ବ୍ୟୁରୋ**

ଜୈବିକ ପଦ୍ଧତିରେ ହେଉଥିବା ଚାଷ ଓ ଏଥିରେ ଉତ୍ପାଦିତ ଦ୍ରବ୍ୟକୁ ନେଇ ବିଶ୍ୱରେ କୋରାପୁଟ ସ୍ୱତନ୍ତ୍ର ସ୍ଥାନ ପାଇଛି । ଚାଷୀ ଓ ଚାଷର ଭିତ୍ତିଭୂମିକୁ ସଜାଡ଼ିବା ଓ ବଜାର ଯୋଗାଇବା ପାଇଁ ରାଜ୍ୟ ସରକାର, ଜିଲ୍ଲାପ୍ରଶାସନ ସବୁ ବେଳେ ପ୍ରସ୍ତୁତ ବୋଲି କୋରାପୁଟ ଗସ୍ତରେ ଆସିଥିବା ରାଜ୍ୟ ପ୍ରମୁଖକୃଷି ସଚିବ ଡ.ଅରବିନ୍ଦ ପାଢ଼ୀ ଚାଷୀଙ୍କୁ କହିଛନ୍ତି । କୋରାପୁଟ ଜିଲ୍ଲା ଗସ୍ତରେ ଆସି ଦୟାନିଧିଗୁଡାରେ ଥିବା ଜୈବିକ ଶ୍ରୀର ଫାର୍ମକୁ ଗସ୍ତରେ ଯାଇଥିଲେ । ଏଠାରୁ ଅଦା ପ୍ରକ୍ରିୟାକରଣ କରାଯାଇ ଜୈବିକ ଶ୍ରୀ ପକ୍ଷରୁ ଜେଟି ଭାରତ ଓପାଲେଡିନା ସହଯୋଗରେ ରାୟପୁରକୁ ୧୫ ମେଟ୍ରିକଟନ୍ ଓ ପଞ୍ଜାବକୁ ୩୦ମେଟ୍ରିକ ଟନ୍ ଅଦା ବିକ୍ରି ପାଇଁ ଟ୍ରକ୍‌ରେ ପଠାଯାଇଥିଲା । ଏହି ଦୁଇ ଟ୍ରକକୁ ଡ. ପାଢ଼ୀ ରାଜ୍ୟ ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ନିଖିଲ ପଣ୍ଡନ୍ କଲ୍ୟାଣ, ଜିଲ୍ଲାପାଳ ଭି.କୀର୍ତ୍ତିଓ୍ୱାସନ ଆଦି ସବୁଜ ପତାକା ଦେଖାଇ ପଠାଇଥିଲେ । ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ, ଜୈବିକ ଶ୍ରୀର ସିଇଓ ମୁରଲୀ ଅଧିକାରୀ, ନିର୍ଦ୍ଦେଶକ ସୁରେନ୍ଦ୍ର ମଣ୍ଡି, କାର୍ଯ୍ୟକ୍ରମ ଅଧିକାରୀ ଡ. ଲୁନା ପଣ୍ଡା, ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ଚରଣ ବିଶ୍ୱାଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକ୍ରମ ଅଧିକାରୀ ତାପସ ରଂଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ପ୍ରମୁଖ କୃଷି ସଚିବ ଜୈବିକ ଶ୍ରୀ ଫାର୍ମ ପରିସରକୁ ଯାଇ ପ୍ରକ୍ରିୟାକରଣ କରାଯାଇଥିବା ଅଦା, କଫି ମଞ୍ଜି ଆଦିର ତଦାରଖ କରିବା ସହ ଯନ୍ତ୍ରାଂଶର ନିରୀକ୍ଷଣ କରିଥିଲେ । ଉପସ୍ଥିତ ଚାଷୀଙ୍କ ବୈଠକରେ ଯୋଗ ଦେଇଥିଲେ । ଶ୍ରୀ ଅଧିକାରୀ ଜୈବିକ ଶ୍ରୀ ସଂସ୍ଥା କିଭଳି ଆରମ୍ଭ ହୋଇଥିଲା ତାହାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ । ଜୈବିକ ଶ୍ରୀ ସିଇଓ ମୁରଲୀ ଅଧିକାରୀ, ନିର୍ଦ୍ଦେଶକ ଶ୍ରୀ ମଣ୍ଡି, ଚାଷୀ ଦୀନବନ୍ଧୁ ଜାନୀ, ଉଆଁଶୀ ମାଝୀ ଆଦିଙ୍କ ସହ କଳାଜୀରା ଧାନ, ଅଦା, ମକା ଓ କଫି ଚାଷ ସମ୍ପର୍କରେ ବିସ୍ତୃତରେ ଆଲୋଚନା କରିଥିଲେ । ଗୁଣାତ୍ମକ ମାନ ସହ ସଫା ସୁତରା ଅଦା ବଜାରରେ ବିକ୍ରୀ କରିବା ସହ ଏହାକୁ ବଜାୟ ରଖିବାକୁ ଡ. ପାଢ଼ୀ ପରାମର୍ଶ ଦେଇଥିଲେ । ବଜାରରେ ବିକ୍ରୀବଟାର ମାନ ସହ ବିଶ୍ୱାସ ବଜାୟ ରଖିବାକୁ ପଡିବ ବୋଲି କହିଥିଲେ । ଆମ୍ବରୁ ଆମ୍ବସୋଡା, ଆମ୍ବ ଜୁସ୍ ବାହାର କରିବା ଭଳି କୋରାପୁଟ ଜିଲ୍ଲାରୁ ଉତ୍ପାଦିତ ବିଭିନ୍ନ କ୍ଷୁଦ୍ର ଓ ଅନ୍ୟ ଖାଦ୍ୟ ଶସ୍ୟରୁ ଖାଦ୍ୟ ପ୍ରକ୍ରିୟାକରଣ କରି ବଜାରରେ ବିକ୍ରୀବଟା କରିବାକୁ ପରାମର୍ଶ ଦେଇଥିଲେ ଡ.ପାଢ଼ୀ । ଯେତେ ପରିମାଣର ଚାଷୀ ଉତ୍ପାଦିତ ସାମଗ୍ରୀକୁ ପ୍ରକ୍ରିୟାକରଣ କରି ବଜାରରେ ବିକ୍ରି କରିବା ଚାଷୀ ଲାଭ ପାଇବା ସହ ତାହାର ଭିତ୍ତିଭୂମିରେ ସୁଦୃଢ଼ ହେବ ଓ ଚାଷୀ ଆର୍ଥିକ ସ୍ତରରେ ସଶକ୍ତ ହୋଇପାରିବ ବୋଲି ଡ. ପାଢ଼ୀ କହିଥିଲେ । ଜୈବିକ ଶ୍ରୀକୁ ୧୨କୋଟି ବ୍ୟୟରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଡ.ପାଢ଼ୀ ପ୍ରସ୍ତାବ ଦେଇଥିଲେ ।

# ଏପ୍ରିଲ ୧ରୁ ଲାଗୁ ହେବ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ ଆଇନ

**ଭୁବନେଶ୍ୱର, ୨/୩ ନ୍ୟୁଜ ବ୍ୟୁରୋ**

ଆସନ୍ତା ଏପ୍ରିଲ ୧ତାରିଖରୁ ଓଡ଼ିଶା ଆଇନଜୀବୀ ପରିଷଦ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ ଆଇନ-୨୦୨୦ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । କଟକ ରାଜ୍ୟ ବାର୍ କାଉନ୍‌ସିଲ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଏହି କର୍ପସ ଫଣ୍ଡ ବ୍ୟବସ୍ଥା ଲାଗୁ ହେଲେ ରାଜ୍ୟର ଆଇନଜୀବୀମାନେ ନିଜ ମହକିଲଙ୍କ ପ୍ରତ୍ୟେକ ମୋକଦ୍ଦମା ରୁଜୁ କଲାବେଳେ ୧୦୦ ଟଙ୍କାର ଆଡ଼ଭୋକେଟ ୱେଲଫେୟାର କର୍ପୋସ ଫଣ୍ଡର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ ହେବ । ଏହି ଫଣ୍ଡରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଭାରତୀୟ ବାର୍ କାଉନସିଲ, ଘରୋଇ କମ୍ପାନୀ କିମ୍ବା ବ୍ୟକ୍ତିବିଶେଷ ମଧ ଅନୁଦାନ ଦେଇପାରିବେ । ଏହି କର୍ପସ ଫଣ୍ଡରେ ଆଦାୟ ହୋଇଥିବା ଅର୍ଥର ୨୦ ଭାଗ ପଞ୍ଜିକୃତ ବାର୍ ଆସୋସିଏସନମାନଙ୍କୁ ଫେରାଇବା ପାଇଁ ପ୍ରାବଧାନ ରହିଛି । ସେହିପରି ୪ ଭାଗ ଅର୍ଥ ପଞ୍ଜିକୃତ ବାର୍ ଆସୋସିଏସନ ଲାଇବ୍ରେରୀ ନବୀକରଣ, ୩ ଭାଗ କନିଷ୍ଠ ଅଧିବକ୍ତାଙ୍କୁ ସହାୟତା, ୧୨ ଭାଗ ଅଧିବକ୍ତାଙ୍କର ଚିକିତ୍ସା, ୧୦ ଭାଗ ମୃତ୍ୟୁକାଳୀନ ଭତ୍ତା, ୧୦ ଭାଗ ଜରୁରୀକାଳୀନ ପରିସ୍ଥିତି, ୧ ଭାଗ ରାଜ୍ୟ ଆଇନଜୀବୀ ପରିଷଦର ପାଠାଗାର ଓ ୨୦ ଭାଗ ଓଡ଼ିଶା ଆଇନଜୀବୀ ପରିଷଦର ସାମୁହିକ ଖର୍ଚ୍ଚ ନିମନ୍ତେ ବିନିଯୋଗ କରାଯିବ । ଏହା ବ୍ୟତୀତ ଉକ୍ତ ଅର୍ଥକୁ ପ୍ରତ୍ୟେକ ବାର୍ ଆସୋସିଏସନରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଆଲୋଚନାଚକ୍ର ପାଇଁ ଅର୍ଥ ଅନୁଦାନର ବ୍ୟବସ୍ଥା ରହିଛି । ଏହାସହ ଗୁରୁତର ରୋଗ ଯଥା ହାର୍ଟ, କିଡ଼ନୀ, ଲିଭର ଭଳି ରୋଗରେ ପୀଡିତ ଆଇନଜୀବୀମାନଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି । ଏହା ସହ ସରକାର ରାଜ୍ୟର ଆଇନଜୀବୀମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ଓ ଆଇନଜୀବୀ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବା ପାଇଁ ବାର୍ କାଉନସିଲ ଦାବି କରିଛି ।

# ଡ୍ରାଇଭରଙ୍କୁ ସଜାଗ ରଖିବାକୁ ଗାଡ଼ିରେ ଲାଗିବ 'ଆଦାସ୍', ତୁରନ୍ତ ନିର୍ଦ୍ଦେଶାବଳୀ ଜାରି କରିବାକୁ ଏସ୍‌ଟିଏକୁ ନିର୍ଦ୍ଦେଶ

**କଟକ, ୦୨/୦୩**
**ନ୍ୟୁଜ ବ୍ୟୁରୋ**

ବହୁ ସମୟରେ ଗାଡ଼ି ଡ୍ରାଇଭରଙ୍କ ସତର୍କତା ଅଭାବରୁ ଦୁର୍ଘଟଣା ଘଟୁଛି । କେତେବେଳେ ଗାଡ଼ି ଡ୍ରାଇଭରଙ୍କ ନିଦ ଲାଗି ଯାଉଥିବାରୁ ଦୁର୍ଘଟଣା ଘଟୁଛି ତ ଆଉ କେତେବେଳେ ମଦପିଇ ବେପରୁଆ ଢଙ୍ଗରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣାମାନ ଘଟୁଛି । ଏହି ଡ୍ରାଇଭରଙ୍କ ଉପରେ ନଜର ରଖିବା ଲାଗି ପ୍ରତ୍ୟେକ ଗାଡ଼ିରେ 'ଆଡଭାନ୍ସ ଡ୍ରାଇଭର ଆସିଷ୍ଟାନସ ସିଷ୍ଟମ୍ (ଆଦାସ୍)' ଲଗାଇବା ପାଇଁ ପଦକ୍ଷେପ ନେବାକୁ ପରିବହନ କମିସନର ରାଜ୍ୟ ପରିବହନ ପ୍ରାଧିକରଣ କମିସନରଙ୍କୁ ଚିଠି ଲେଖିଛନ୍ତି । ଯେଉଁ ଗାଡ଼ି ମାଲିକମାନେ ଏହି 'ଆଦାସ୍' ଡିଭାଇସ୍ ଲଗାଇବେ ସେମାନଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ମଧ ଯୋଗାଇ ଦେବେ ବୋଲି କୁହାଯାଇଛି । ଚିଠିରେ କୁହାଯାଇଛି, କ୍ରୁଟ୍ ଏବଂ ଓଏସ୍‌ଆରଟିସି ପକ୍ଷରୁ ଚାଲୁଥିବା ବସ୍‌ଗୁଡ଼ିକରେ ଏହି 'ଆଦାସ୍' ଡିଭାଇସ୍ ଲଗାଯାଇଛି । କିନ୍ତୁ ଘରୋଇ ବସ୍‌ଗୁଡ଼ିକରେ 'ଆଦାସ୍' ଲଗାଯାଇନାହିଁ । ରାଜ୍ୟରେ ସର୍ବାଧିକ ସଂଖ୍ୟକ ବସ୍ ଘରୋଇ ବସ୍ ମାଲିକଙ୍କ ଦ୍ୱାରା ପରିଚାଳିତ । ଏହି ପରିପ୍ରେକ୍ଷୀରେ 'ଆଦାସ୍' ଲଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଜାରି କରିବାକୁ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ଏସ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି । ଆଦାସ୍ ଲଗାଇବା ପାଇଁ ଭେଣ୍ଡର ଚୟନ କରିବା, ଯେଉଁ ଭେଣ୍ଡରମାନେ ଏହି ଆଦାସ୍ ଡିଭାଇସ୍ ଲଗାଇବେ ସେମାନେ କିପରି ସବ୍‌ସିଡି ଅର୍ଥ ପାଇବେ ସେ ସଂକ୍ରାନ୍ତରେ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି । ଅପରେଟରମାନଙ୍କୁ ସବ୍‌ସିଡି ପ୍ରଦାନ ଲାଗି ୱେବ୍ ପୋର୍ଟାଲ ଖୋଲାଯିବ । ଯେଉଁଥିରେ କେଉଁମାନେ ସବ୍‌ସିଡି ପାଇଲେ ତାଲିକା ରହିବ । ମାର୍ଚ୍ଚ ୩ ତାରିଖ ପୂର୍ବରୁ ଏହି ଗାଇଡ୍‌ଲାଇନ୍ ଜାରି କରିବାକୁ କୁହାଯାଇଛି । 'ଆଦାସ' ଲାଗିବା ପାଇଁ ନିର୍ଦ୍ଦେଶାବଳୀ ଆସିବା ପରେ ତୁରନ୍ତ ନିର୍ଦ୍ଦେଶନାମା ଜାରି ହେବ ବୋଲି ଏସ୍‌ଟିଏର ଜଣେ ଅଧିକାରୀ କହିଛନ୍ତି ।

# ବନ୍ଦର ଭିତ୍ତିକ ଅଭିବୃଦ୍ଧିର ବଡ଼ ସମ୍ଭାବନା: ପୂର୍ବ ଏସିଆ-ପାସିଫିକକୁ ଦ୍ୱାର ହେବ ଓଡ଼ିଶା

**ଭୁବନେଶ୍ୱର, ୦୨/୦୩**
**ନ୍ୟୁଜ ବ୍ୟୁରୋ**



ଏବେ ରାଜ୍ୟର ବନ୍ଦର କ୍ଷେତ୍ରକୁ ବିକଶିତ କରିବା ଲାଗି ରାଜ୍ୟ ସରକାର ନୂଆ ରୋଡ୍‌ମ୍ୟାପ୍ ଉପରେ କାର୍ଯ୍ୟ କରୁଛନ୍ତି । ଏଥର ରାଜ୍ୟ ବଜେଟରେ ବନ୍ଦର ବିକାଶ ଲାଗି ୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଭଳି ସ୍ଥିତିରେ ନୌପରିବହନ କ୍ଷେତ୍ରରେ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଗି ରାଜ୍ୟ ଦ୍ୱାର ପାଲଟିବାର ଢ଼େର ସମ୍ଭାବନା ରଖିଛି । ଏହା ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ରାଜ୍ୟ ଲାଗି ନୂଆ ସୁଯୋଗ ଆଣିବ ବୋଲି ଆଶା କରାଯାଉଛି । ରାଜ୍ୟର ଇଞ୍ଚୁଡ଼ି ଏବଂ ବାହୁଦାରେ ନୂଆ ବନ୍ଦର ହେବାକୁ ଯାଉଛି । ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିଛି । ସୁବର୍ଣ୍ଣରେଖା ବନ୍ଦର ମଧ ଏକ ପ୍ରମୁଖ ବନ୍ଦର ଭାବେ ଉଭା ହେଉଛି । ଏହାକୁ ଦେଖିଲେ ଏହି ବନ୍ଦରଗୁଡ଼ିକ ରାଜ୍ୟର ରପ୍ତାନି ଏବଂ ଆମଦାନିର ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଇଛି । ଓଡ଼ିଶାର ବନ୍ଦରଗୁଡ଼ିକରୁ ଚୀନ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଦକ୍ଷିଣକୋରିଆ ଏବଂ ଜାପାନ ଭଳି ଦେଶଗୁଡ଼ିକ ସହ କାରବାରକୁ ଆହୁରି ଦୃଢ଼ୀକରଣ ଲକ୍ଷ୍ୟ ରଖାଯାଇଛି । ଇଣ୍ଟରନ୍ୟାସ୍‌ନାଲ ଟ୍ରେଡ୍ ସେଣ୍ଟର ଡାଟା ମୁତାବକ, ୨୦୨୩-୨୪ରେ ପୂର୍ବ, ଦକ୍ଷିଣ ଏସିଆ ଏବଂ ପାସିଫିକ ଅଞ୍ଚଳ ସହ ଦେଶର ମୋଟ କାରବାର ୩୩୬ ବିଲିୟନ ଡଲାର ରହିଛି । ଏହା ମଧ୍ୟରେ ରପ୍ତାନି ୧୦୮.୩ ବିଲିୟନ ଡଲାର ଏବଂ ଆମଦାନି ୨୫୪.୬ ବିଲିୟନ ଡଲାର । ଏହି ସମୟରେ ଓଡ଼ିଶାର ମର୍ଚ୍ଚାଣ୍ଡାଇଜ ରପ୍ତାନି ୧୨ ବିଲିୟନ ଡଲାର ରହିଛି । ଚୀନ ସହ ଦେଶ ୧୩୮ ବିଲିୟନ ଡଲାରର କାରବାର କରିଥିବା ବେଳେ ଇଣ୍ଡୋନେସିଆ ୩୧ ବିଲିୟନ ଡଲାର, ଅଷ୍ଟ୍ରେଲିଆ ୨୬.୩, ଜାପାନ ୨୩.୮ ଏବଂ ଦକ୍ଷିଣ କୋରିଆ ୨୫.୯ ବିଲିୟନ ଡଲାରର କାରବାର ଭାରତ ସହ କରୁଛି । ଏହି ସବୁ ଦେଶ ଗୁଡ଼ିକ ସହ ବିବିଧ ବର୍ଗର ସାମଗ୍ରୀ ରପ୍ତାନି ଆମଦାନି ହେଉଥିବା ବେଳେ ରାଜ୍ୟର ବନ୍ଦର ଗୁଡିକ ଲାଗି ଏହା ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି । ରାଜ୍ୟର ପାରାଦୀପ ବନ୍ଦରରୁ ପାମ ଅଏଲ ଏବଂ ଫ୍ରାକ୍ସନ, ଲୌହ, ଇସ୍ପାତ, ଷ୍ଟେନ୍‌ଲେସ ଇସ୍ପାତ, ଆଲୁମିନିୟମ ଅକ୍ସାଇଡ, ହାଇଡ୍ରୋଅକ୍ସାଇଡ, ଆଲୁମିନିୟମ ଅକ୍ସାଇଡ, ଆଲୁମିନିୟମ ଆର୍ଟିକିଲସ ଏବଂ ଫ୍ଲାଟ ଓ ରୋଲ୍ ପ୍ରଡକ୍ଟ ଆମଦାନି ରପ୍ତାନି ହେଉଛି । ପାରାଦୀପ ରାଜ୍ୟର ଏକ ମାତ୍ର ପ୍ରମୁଖ ବନ୍ଦର । ସାରା ଦେଶରେ ଏହା ୮ମ ବୃହତ୍ ବନ୍ଦର ହୋଇଥିବା ବେଳେ ପୂର୍ବତଟରେ ପ୍ରମୁଖ ବନ୍ଦର । ଦକ୍ଷିଣ ଏସୀୟ ଦେଶ ଭିଏତନାମ, କାମ୍ବୋଡିଆ, ଲାଓସ ଏବଂ ଇଣ୍ଡୋନେସିଆ ଭଳି ସ୍ଥାନଗୁଡିକୁ ଏଠାରୁ ନୌପରିବହନ ଦୃଢ଼ୀକରଣ କରାଯାଇପାରିବ । ୨୦୨୩-୨୪ରେ ପାରାଦୀପ ବନ୍ଦର ୧୪୫.୪ ନିୟୁତ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଛି । ୨୦୧୭-୧୮ ପରଠୁ ଏଥିରେ ବାର୍ଷିକ ୬.୧% ହାରରେ ବୃଦ୍ଧି ହେଉଛି । ୨୦୨୪-୨୫ରେ ୧୦୦ ଦିନରେ ରେକର୍ଡ ୪୧.୧ ନିୟୁତ କାର୍ଗୋ ପରିଚାଳନା କରିବାକୁ ଏହି ବନ୍ଦର ସକ୍ଷମ ହୋଇଥିଲା । ପାରାଦୀପ ବନ୍ଦରରୁ ରପ୍ତାନି ଗତ ୫ ବର୍ଷରେ ୪୩.୬%କୁ ବଢ଼ିଛି । ରାଜ୍ୟର ୩ ପ୍ରମୁଖ ବନ୍ଦର ୨୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ସାମଗ୍ରୀ ପରିବହନ କରିଛନ୍ତି । ରପ୍ତାନି ଏବଂ କାର୍ଗୋ ପରିଚାଳନା କ୍ଷେତ୍ରରେ କୋଇଲାର ଅଂଶ ସର୍ବାଧିକ ୪୫% ରହିଛି । ୨୦୨୩-୨୪ରେ ଗୋପାଳପୁର ବନ୍ଦର ୧୧.୪ ନିୟୁତ ଟନ୍ କାର୍ଗୋ ପରିଚାଳନା କରିଛି । ଏହି ବନ୍ଦରକୁ ମଲ୍ଟି କାର୍ଗୋ ପରିଚାଳନା ପୋର୍ଟ ଭାବେ ବିକଶିତ କରିବା ସହ ଏହାର କ୍ଷମତାକୁ ୫୦ ନିୟୁତ ଟନ୍‌କୁ ବଢ଼ାଇବା ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ସେହିଭଳି ଏହି ଅବଧିରେ ଧାମରା ପୋର୍ଟ ୪୨.୭ ନିୟୁତ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଛି । ଏହି ବନ୍ଦରର କ୍ଷମତା ୪୫ ନିୟୁତ ଟନ୍ ରହିଛି । ଏନ୍‌୫ ଏବଂ ୬୪ ବାଦ ରାଜ୍ୟରେ ୨୦୨୩ ସୁଦ୍ଧା ୬ ଜାତୀୟ ରାଜପଥ କାର୍ଯ୍ୟକ୍ଷମ ହେବ । ଏହା ଦ୍ୱାରା ନୌପରିବହନ କାର୍ଯ୍ୟକଳାପ ଆହୁରି ଦୃଢ଼ ହେବ ବୋଲି ରିପୋର୍ଟରେ କୁହାଯାଇଛି ।